## ସାପ କାମୁଡ଼ାରେ ନାବାଳକ ମୃତ

**ମହୁଲଡିହା,୩।୭ (ସମିସ):** ଠାକୁରମୁଣ୍ଡା ବ୍ଲକ ଛେରାଟାଙ୍ଗର ଗ୍ରାମରେ ସାପ କାମୁଡ଼ାରେ ଜଣେ ନାବାଳକର ମୃତ୍ୟୁ ଘଟିଛି। ଠାକୁରମୁଣ୍ଡା ବ୍ଲକ କେନ୍ଦୁଜିଆଣି ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଛେରାଟାଙ୍ଗର ଗ୍ରାମର ଚନ୍ଦ୍ରମୋହନ ଡାଙ୍ଗିଲଙ୍କ ନାବାଳକ ପୁଅ କୃଷ୍ଣ ରାତିରେ ଶୋଇଥିବାବେଳେ ଏକ ଚିତି ସାପ ବାମହାତ ପାପୁଲିକୁ କାମୁଡି ଦେଇଥିଲା। ସେ ପରିବାରକୁ ଜଣାଇବା ପରେ ଠାକୁରମୁଣ୍ଡା ଗୋଷ୍ଠୀ ଚିକିତ୍ସାଳୟକୁ ଆଣିଥିଲେ; କିନ୍ତୁ ଡାକ୍ତର ମୃତ ଘୋଷଣା କରିଥିଲେ।

## ବର୍ଷା କବିତା ଆସର ଓ ଆଲୋଚନାଚକ୍ର



**କରଞ୍ଜିଆ,୩।୭ (ସିସ):** ଇଟର୍ନିଟୀ ଆନ୍ତରାଷ୍ଟ୍ରୀୟ ସଙ୍ଗଠନ ଓ ଚେତନା ଅନୁଷ୍ଠାନ ଆନୁକୂଲ୍ୟରେ ସ୍ଥାନୀୟ ସେବାନିବୃତ୍ତ କର୍ମଚାରୀ ଭବନରେ ବର୍ଷା କବିତା ଆସର ଓ ଆଲୋଚନାଚକ୍ର ପତ୍ରିକାର ସମ୍ପାଦକ ହରେକୃଷ୍ଣ ମହାନ୍ତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରଘୁନାଥ କଲେଜ (ଯୁକ୍ତ+୨) ଅଧ୍ୟକ୍ଷା ଜ୍ୟୋତିର୍ମୟୀ ତ୍ରିପାଠୀ ମୁଖ୍ୟ ଅତିଥି ଓ କାଦଡିହା ଡିଗ୍ରୀ କଲେଜର ଅଧ୍ୟକ୍ଷ ଡ଼ଃ ଭାଗବତ ଲେଙ୍କା ମୁଖ୍ୟ ବକ୍ତା ଭାବେ ଯୋଗଦେଇ ଆଜିର ବସ୍ତୁବାଦୀ ମନୋଭାବ ଗ୍ରସ୍ତ ମାନବ ଜାତିର ଅଦୂରଦର୍ଶିତା, ସ୍ୱାର୍ଥପରତା ଯୋଗୁ ଆଜି ବିଶ୍ୱରେ ବର୍ଷାର ଅଭାବ ତଥା ଉଷ୍ଣତା ବଢ଼ି ଚାଲିଛି ବୋଲି ମତ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଚେତନା ଅନୁଷ୍ଠାନର ସଭାପତି ଆଇନଜୀବୀ ସଞ୍ଜୟ କୁମାର ସାହୁ, ଇଂ. ତ୍ରିଲୋଚନ ସେଠୀ, ଅଧ୍ୟାପକ ଜନ୍ମେଜୟ ଶତପଥୀ, କବୟିତ୍ରୀ କନକଲତା ମହାନ୍ତ, ସମାଜ ସେବୀ ସିଦ୍ଧାର୍ଥ ରାୟ, ପ୍ରଦୀପ ଶତପଥି, ଜିତେନ୍ଦ୍ର ବେହେରା ପ୍ରମୁଖ ଯୋଗଦେଇଥିଲେ। ସଞ୍ଜୟ କୁମାର ସାହୁ, କନକଲତା ମହାନ୍ତ, ଜ୍ୟୋତିର୍ମୟୀ ତ୍ରିପାଠୀ, ତ୍ରିଲୋଚନ ସେଠୀ, ଭାଗବତ ଲେଙ୍କା, ହରେକୃଷ୍ଣ ମହାନ୍ତ ସ୍ୱରଚିତ କବିତା ପାଠ କରିଥିଲେ।

## ନୂତନ ପରୀକ୍ଷା ନିୟନ୍ତ୍ରକଙ୍କ ଯୋଗଦାନ



**ବାରିପଦା, ୩।୭ (ସମିସ):** ମହାରାଜା ଶ୍ରୀ ରାମଚନ୍ଦ୍ର ଭଞ୍ଜ ଦେଓ ବିଶ୍ୱବିଦ୍ୟାଳୟର ନୂତନ ପରୀକ୍ଷା ନିୟନ୍ତ୍ରକ ଭାବେ ଡ଼. ସୁବ୍ରତ କୁମାର ରଣା ଯୋଗ ଦେଇଛନ୍ତି। ତାଙ୍କୁ ମୟୂରଭଞ୍ଜ କଲେଜ ଅଫ ଆକାଉନଣ୍ଟାନ୍‌ସୀ ଆଣ୍ଡ ମ୍ୟାନେଜମେଣ୍ଟର ଅଧ୍ୟକ୍ଷ ତଥା ମହାରାଜା ଶ୍ରୀ ରାମଚନ୍ଦ୍ର ଭଞ୍ଜ ଦେଓ ବିଶ୍ୱବିଦ୍ୟାଳୟର ପୂର୍ବତନ ଏକାଡେମିକ୍ କାଉନସିଲ ସଦସ୍ୟ ପ୍ରଦୀପ କୁମାର ନାୟକ ଏହି ଅବସରରେ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିବା ସହିତ ଶୁଭେଚ୍ଛା ଜଣାଇଛନ୍ତି। ଡ. ରଣା ପୂର୍ବରୁ ବାଲେଶ୍ୱର ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ଅର୍ଥନୀତି ବିଭାଗରେ ଆସିଷ୍ଟାଣ୍ଟ ପ୍ରଫେସର ଭାବେ କାର୍ଯ୍ୟରତ ଥିଲେ। ସେ ଜଣେ କର୍ମଠ ଓ ଛାତ୍ର ବତ୍ସଳ ଅଧ୍ୟାପକ ରୂପେ ସୁନାମ ଅର୍ଜନ କରିଛନ୍ତି। ବାୟୋଟେକନୋଲଜି ବିଭାଗର ପ୍ରଫେସର ଡ଼. ସୁକାନ୍ତ କୁମାର ନାୟକ ଭାରପ୍ରାପ୍ତ ପରୀକ୍ଷା ନିୟନ୍ତ୍ରକ ଭାବେ କାର୍ଯ୍ୟ ସୂଚାରୁରୂପେ ତୁଲାଉଥିଲେ। ଡ. ରଣା ଗତ ୧ ତାରିଖ ଦିନ ଡ଼. ସୁକାନ୍ତ କୁମାର ନାୟକଙ୍କ ପାଖରୁ ଦାୟିତ୍ୱ ଗ୍ରହଣ କରିଛନ୍ତି।

## ଆମ୍ବଡିହା ଗାଁରୁ ଟ୍ରାକ୍ଟର ଚୋରି

**ବିଜାତଲା,୩।୭ (ସମିସ):** ବଡ଼ଝରଣ ପଞ୍ଚାୟତ ଆମ୍ବଡିହା ଗାଁରୁ ମଙ୍ଗଳବାର ରାତିରେ ଗୋଟିଏ ଟ୍ରାକ୍ଟର ଚୋରି ହୋଇଥିବା ନେଇ ଅଭିଯୋଗ ହୋଇଛି। ଏନେଇ ଟ୍ରାକ୍ଟର ମାଲିକ ତପନ ଗିରି ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୁଲିସ ଅଭିଯୋଗ ପାଇ ତଦନ୍ତ ଚଳାଇଛି।

## ପୋଲ ବାଡ଼ରେ ପିଟି ହୋଇ ଯୁବକଙ୍କ ମୃତ୍ୟୁ

**ବାରିପଦା, ୩।୭ (ସମିସ):** ପୋଲ ବାଡ଼ରେ ପିଟି ହୋଇ ଜଣେ ଯୁବକଙ୍କ ମୃତ ହୋଇଛି। ଉଦଳା-ବାରିପଦା ରାସ୍ତାର ପୋଡାଆସ୍ତିଆଠାରେ ଏକ ବାଇକ୍ ଯୋଗେ ଆସୁଥିବା ବେଳେ ଅସ୍ତିଆ ପୋଲ ବାଡ଼ରେ ଯୁବକ ଜଣକ ପିଟି ହୋଇ ଯାଇଥିଲେ। ତେବେ ବାଇକ ଚାଳକ ଜଣକ ଉଦଳା ପଟୁ ବାରିପଦା ଆସୁଥିବା ବେଳେ ଏହି ଦୁର୍ଘଟଣା ଘଟିଥିଲା। ପରେ ତାଙ୍କୁ ଗୁରୁତର ଅବସ୍ଥାରେ ବାରିପଦା ସ୍ଥିତ ପିଆରଏମ ହସ୍ପିଟାଲକୁ ଅଣାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।ୃତ ଯୁବକଙ୍କ ପରିଚୟ ମିଳି ପାରିନାହିଁ। ଘଟଣା ସ୍ଥଳରେ ବାରିପଦା ଟାଉନ ପୁଲିସ ତଦନ୍ତ ଜାରି ରଖିଛି।

### ହାତୀ ଆକ୍ରମଣରେ ଯାଉଛି ଜୀବନ; ବଢୁଛି ଅସନ୍ତୋଷ

# ଉପଦ୍ରବ ରୋକିବାରେ ବନ ବିଭାଗ ବିଫଳ

**ମୋରଡା,୩।୭ (ସମିସ):** ମୋରଡା ବ୍ଲକ ତଥା ବେତନଟୀ ରେଞ୍ଜ ଅଞ୍ଚଳରେ ବଢୁଛି ହାତୀଙ୍କ ଉପଦ୍ରବ ଦିନକୁ ଦିନ ବଢିବାରେ ଲାଗିଚି। ହାତୀପଲ ଜନବସତି ମୁହାଁ ହୋଇ ଘର ଭାଙ୍ଗୁଛନ୍ତି ତ ପୁଣି କେତେବେଳେ ଚାଷ ନଷ୍ଟ କରୁଛନ୍ତି; ଯାହାକୁ ନେଇ ଲୋକଙ୍କ ମନରେ ଅସନ୍ତୋଷ ବୃଦ୍ଧି ପାଉଛି। ହାତୀଙ୍କ ଚଳପ୍ରଚଳ ଉପରେ ନଜର ରଖିବା ଓ ହାତୀଙ୍କୁ ଘଉଡ଼ାଇବା ସହ ଗ୍ରାମବାସୀଙ୍କୁ ହାତୀ କବଳରୁ ସୁରକ୍ଷା ଦେବା ପାଇଁ ବେତନଟୀ ବନାଞ୍ଚଳ ଅଧିକାରୀ ମନୁୱାର ଖାନ ଧ୍ୟାନ ଦେଉନାହାନ୍ତି। ଫଳରେ ହାତୀ-ମନୁଷ୍ୟ ଲଢେଇ ଥମିବାରେ ନାଁ ଧରୁନି। ଅନେକ ଧନଜୀବନ ନଷ୍ଟ ହେଉଥିବାବେଳେ ନିରବଦ୍ରଷ୍ଟା ସାଜିଛି ବନ ବିଭାଗ। ମୟୂରଭଞ୍ଜ ଜିଲ୍ଲାରେ ପୁଣି ହାତୀଙ୍କ ଗର୍ଜନରେ ଭୟଭୀତ ହୋଇଛନ୍ତି ଗ୍ରାମବାସୀ। ଗାଁରେ ପସି ଫସଲ ନଷ୍ଟ କରିବା ସହ ଦୁଇଦିନ ଧରି ଗାଁ ମୁଣ୍ଡରେ ରହିଛନ୍ତି ହାତୀପଲ।ସୂଚନା ମୁତାବକ, ଉକ୍ତ ରେଞ୍ଜ ଅଧୀନ ଦୁର୍ଗାପୁର ପଞ୍ଚାୟତର ଅସନବଣି ସଂରକ୍ଷିତ ଜଙ୍ଗଲରେ ଏକ ୩୬ଟିକିଆ ଝାଡଖଣ୍ଡୀ ହାତୀପଲ ଗତ ତିନିଦିନ ହେବ ଆତଙ୍କ



ଖେଳାଉଥିବା ବେଳେ ଗତ ଜୁଲାଇ ୧ ତାରିଖ ସନ୍ଧ୍ୟାରେ ଦୁର୍ଗାପୁର ଗ୍ରାମର ବୃଦ୍ଧ ବୁଦ୍ଧିଆ ସିଂ (୬୪) ନିଜ ଘର ବାହାରେ ବୁଲୁଥିବା ବେଳେ ଉକ୍ତ ହାତୀପଲରୁ ଏକ ହାତୀ ତାଙ୍କ ଉପରେ ଆକ୍ରମଣ କରିବାରୁ ବୁଦ୍ଧିଆ ଗୁରୁତର ଆହତ ହୋଇଥିଲେ। ଆମ୍ବୁଲାନ୍ସ ଯୋଗେ ବୁଦ୍ଧିଆଙ୍କୁ ପ୍ରଥମେ ବାରିପଦାସ୍ଥିତ ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ ଏଣ୍ଡ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବା ବେଳେ ସ୍ୱାସ୍ଥ୍ୟବସ୍ଥା ଗୁରୁତର ହେବାରୁ କଟକ ବଡ଼ମେଡିକାଲକୁ ନେବା ରାସ୍ତାରେ ବୁଦ୍ଧିଆଙ୍କ ମୃତ୍ୟୁ ଘଟିଥିଲା। ତେବେ ମୃତ ବୁଦ୍ଧିଆଙ୍କ ପରିବାରକୁ ୬ ଲକ୍ଷ ଟଙ୍କାର କ୍ଷତିପୂରଣ ଦିଆଯିବାକୁ ଥିବା ବେଳେ ପ୍ରଥମ ପର୍ଯ୍ୟାୟରେ ୬୦,୦୦୦ ଟଙ୍କାର କ୍ଷତିପୂରଣ ଦିଆଯାଇଛି ବୋଲି କହିଛନ୍ତି ରେଞ୍ଜର ମନୱାର ଖାନ। ସେହିପରି ଗତକାଲି ରାତିରେ ଉକ୍ତ ରେଞ୍ଜ ଅଧୀନ ଗଡିଗାଁ ପଞ୍ଚାୟତର ସିଦ୍ଧେଶ୍ୱର ଦାସ, ହରିଶ ଦାସ, ଗଣେଶ୍ୱର ଦାସଙ୍କ ଘର ଭାଙ୍ଗି ଧାନ, ଚାଉଳ ନଷ୍ଟ କରିଥିବାର ସୂଚନା ମିଳିଛି। ଗତ କିଛି ଦିନ ହେବା ହାତୀପଲ ଉକ୍ତ ରେଞ୍ଜର ଦୁର୍ଗାପୁର, ଭାଲିଆ, ଅସନବଣି, ସୁନାହଜା ଗ୍ରାମରେ ପ୍ରତ୍ୟକ ଦିନ ହାତୀ ଘର ଭାଙ୍ଗି ନଷ୍ଟ କରୁଥିବା ଫରେଷ୍ଟ ଗାର୍ଡ ବିଜୟ ମହାନ୍ତ ସ୍ୱୀକାର କରିଛନ୍ତି। ରେଞ୍ଜରେ ଡିଏଫଓ ସ୍ୱତନ୍ତ୍ର ଦୃଷ୍ଟି ଦେଇ ହାତୀ ଉପଦ୍ରବ ରୋକିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ନୂତନ ଅପରାଧିକ ଆଇନର କାର୍ଯ୍ୟକାରିତା ନେଇ ସଚେତନତା

**ମହୁଲଡିହା, ୩।୭ (ସମିସ):** ନୂତନ ଅପରାଧିକ ଆଇନ୍ କାର୍ଯ୍ୟକାରିତା ସମ୍ବନ୍ଧରେ ଗତକାଲି ମହୁଲଡିହା ଥାନା କାର୍ଯ୍ୟାଳୟରେ ଭାରପ୍ରାପ୍ତ ଅଧିକାରୀ ଅଶୋକ କୁମାର୍ ପହିଙ୍କ ସଭାପତିତ୍ୱରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ନିମନ୍ତ୍ରିତ ଅତିଥି ଭାବେ ଠାକୁରମୁଣ୍ଡା ବିଡିଓ ଅଧିକାରୀ ସ୍ୱପ୍ନେଶର ବେହେରା ଯୋଗଦାନ କରି ନୂତନ ସଂଶୋଧିତ ଭାରତୀୟ ପିଙ୍ଗଳ କୋଡ଼, ଫୌଜଦାରୀ ଆଇନ ଓ ସାକ୍ଷୀ ଆଇନ ସଂପର୍କରେ ସୂଚନା ଦେଇଥିଲେ। ସମସ୍ତ ଜନସାଧାରଣ କେବଳ ପୁଲିସ ପ୍ରଶାସନ ବା କୋର୍ଟ ଉପରେ ନିର୍ଭର ନ କରି ଏହି ଆଇନ ସମ୍ବନ୍ଧରେ ଊଣା ଅଧିକ ଜାଣିବା ଆବଶ୍ୟକ ବୋଲି ପ୍ରକାଶ କରିଥିଲେ। ପରିଶେଷରେ ଥାନା ଭାରପ୍ରାପ୍ତ ଅଧିକାରୀ ଅଶୋକ କୁମାର୍ ପହି ଜନସାଧାରଣଙ୍କୁ ନୂତନ ସଂଶୋଧିତ ଆଇନ୍ ସମ୍ପର୍କରେ ଅବଗତ କରିବା ପାଇଁ ଅନ୍ୟମାନଙ୍କ ସହଯୋଗ ଲୋଡ଼ିଥିଲେ। ଏହି କାର୍ଯ୍ୟକ୍ରମରେ ମହୁଲଡିହା ସରପଞ୍ଚ ଚମ୍ପା ଟୁଡୁ, ଭାଲିଆଡାଳ ସରପଞ୍ଚ ଜାହ୍ନବୀ ସୟ, ଜରକ ସରପଞ୍ଚ ସଞ୍ଜୁଲତା ନାଏକ, ଧାତିକିଡିହା ସରପଞ୍ଚ କରୁଣାକର ନାଏକ, ପୂର୍ବତନ ବ୍ଲକ ଚେୟାରମ୍ୟାନ ଜବାମଣି ଟୁଡୁ, ପୂର୍ବତନ ଏଏସଆଇ ଜୟନ୍ତ କୁମାର ଆଚାର୍ଯ୍ୟ, ହୋମିଓପାଥିକ ଡାକ୍ତର ରଙ୍ଗାଧର ବାରିକ ପ୍ରମୁଖ ଉପସ୍ଥିତଥିଲେ।

## ସିକିଲ ସେଲ୍ ରୋଗ ସଚେତନତା ପକ୍ଷ ପାଳିତ

**ଉଦଳା,୩।୭ (ସମିସ):** କୁଣ୍ଡାବାଇ ସ୍ଥିତ ଆର୍.ଡି.ଏସ୍. ଡିଗ୍ରୀ ମହାବିଦ୍ୟାଳୟରେ ଗତମାସ ୧୯ରୁ ଆରମ୍ଭ ହୋଇଥିବା ଚଳିତ ୩ ତାରିଖରେ ସିକିଲ ସେଲ ରୋଗ ସଚେତନତା ପକ୍ଷ ଉଦ୍‌ଯାପିତ ହୋଇଯାଇଛି। ପ୍ରଥମେ କଲେଜର ଅଧ୍ୟକ୍ଷ ଡ଼ଃ ପ୍ରଦୀପ କୁମାର ଗିରି କାର୍ଯ୍ୟକ୍ରମକୁ ଉଦଘାଟନ କରି ସିକିଲ ସେଲ ଉପରେ ଛାତ୍ରଛାତ୍ରୀଙ୍କୁ ଦିଗଦର୍ଶନ ଦେଇଥିଲେ। ଏଥିସହ ପୋଷ୍ୟଗ୍ରାମରେ ଲୋକଙ୍କୁ ସଚେତନତା ସୃଷ୍ଟି କରିବା ପାଇଁ କହିଥିଲେ। ଏହା ପରେ ପ୍ରତିଦିନ ବିଭିନ୍ନ ସଚେତନତା ମୂଳକ କାର୍ଯ୍ୟକ୍ରମ ମାନ ଆୟୋଜିତ ହୋଇଥିଲା। ଏହି ପରିପ୍ରେକ୍ଷୀରେ ଏକ ୱେବିନାର ଆୟୋଜନ କରାଯାଇଥିଲା। କଟକ ଏସସିବି ମେଡିକାଲ କଲେଜର ଆସିଷ୍ଟାଣ୍ଟ ପ୍ରଫେସର ଡାକ୍ତର ରାକେଶ କୁମାର ରାଉତରାୟ ସିକିଲ ସେଲ




ଆନିମିଆ ରୋଗର ବିଭିନ୍ନ ଚିକିତ୍ସା ଉପରେ ବୁଝାଇଥିଲେ। ପ୍ରାଣିର ବିଭାଗର ଅଧ୍ୟାପକ ସୁବ୍ରତ କୁମାର ବେହେରା ମଧ୍ୟ ରୋଗ ଉପରେ ସମ୍ୟକ ଆଲୋଚନା କରିଥିଲେ। ପରିଶେଷରେ କାର୍ଯ୍ୟକ୍ରମର ଅନ୍ତିମ ଦିନରେ ଏକ ଉଦଯାପନୀ ସଭା ଅଧ୍ୟକ୍ଷ ଡ. ପ୍ରଦୀପ କୁମାର ଗିରିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଶ୍ରୀରାମଚନ୍ଦ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମେଡିକାଲ ଅଫିସର ଡାକ୍ତର ଚିନ୍ମୟ ବିଶ୍ୱାଳ ଏବଂ ଗୋଷ୍ଠୀ କାର୍ଯ୍ୟକ୍ରମ ଅଧିକାରୀ ପାର୍ଥସାରଥୀ ମହାପାତ୍ର ଯୋଗ ଦେଇଥିଲେ। ଯୁବ ରେଡ଼କ୍ରସର କାଉନସେଲର ରାଜେଶ କୁମାର ରାଉତରାୟ ଏବଂ ଏନଏସଏସ କାର୍ଯ୍ୟକ୍ରମ ଅଧିକାରୀ ଓମପ୍ରକାଶ ଶତପଥୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ବଜ୍ରପାତରେ ବୃଦ୍ଧ ମୃତ

**ବହସାହି,୩।୭ (ସମିସ):** ବଡସାହି ଥାନା ଅଧୀନ ମାଧପୁର ପଞ୍ଚାୟତ ଆରପଟା ଗ୍ରାମର କୋ÷ଳାସ ଚନ୍ଦ୍ର ରାଉତ (୬୫) ବଜ୍ରପାତରେ ମୃତ୍ୟୁ ଘଟିଛି। ସେ ବିଲକୁ ଯାଇଥିବାବେଳେ ତାଙ୍କ ଉପରେ ବଜ୍ରପାତ ହୋଇଥିଲା। କୈଳାସ ନଦୀରୁ ବିଲକୁ ପାଣି ମଡାଉଥିଲେ। ଏହି ସମୟରେ ବଜ୍ରପାତ ହେବାରୁ ଅସୁସ୍ଥ ହୋଇ ତଳେ ପଡି ଯାଇଥିଲେ। ତାଙ୍କ ସ୍ତ୍ରୀ ଓ ପୁତୁରା ସ୍ଥାନୀୟ ଲୋକଙ୍କ ସହାୟତାରେ ତାଙ୍କୁ ବଡସାହି ଡାକ୍ତରଖାନାରେ ଭର୍ତି କରିଥିଲେ। ମାତ୍ର ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ସଂକ୍ରାନ୍ତରେ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜ କରି ଶବ ବ୍ୟବଛେଦ କରିବା ସହିତ ତଦନ୍ତ ଜାରି ରଖିଛି। ଖବର ପାଇ ପୂର୍ବତନ ବିଧାୟକ ଗଣେଶ୍ୱର ପାତ୍ର ଡାକ୍ତରଖାନାରେ ପହଞ୍ଚି ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇବା ସହିତ ସହାୟତାର ହାତ ବଢାଇଛନ୍ତି।

## ମହିଳାଙ୍କୁ ମରଣାନ୍ତକ ଆକ୍ରମଣ

**କରଞ୍ଜିଆ, ୩।୭ (ସମିସ):** କରଞ୍ଜିଆ ଥାନ ଅନ୍ତର୍ଗତ ବଡଗାଁ ପଞ୍ଚାୟତ ମଲ୍ଲାରପଡା ଗ୍ରାମର ସ୍ୱର୍ଗତ ପଙ୍କଜ ମହାନ୍ତଙ୍କ ପତ୍ନୀ ଚାନ୍ଦିନୀ ମହାନ୍ତଙ୍କୁ ଗ୍ରାମର ଜଣେ ବ୍ୟକ୍ତି ମରଣାନ୍ତକ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ଆହତଙ୍କୁ କରଞ୍ଜିଆ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଘଟଣାରୁ ପ୍ରକାଶ ଯେ ଚାନ୍ଦିନୀ ମହାନ୍ତ (୪୨) ଆଜି ଅପରାହ୍ନରେ ରାସ୍ତା ଉପରେ କାମ କରୁଥିବା ବେଳେ ତାଙ୍କ ପଡୋଶୀ ଅଚାନକ ତାଙ୍କୁ ନିସ୍ତୁକ ମାଡ ମାରିଥିଲେ। ମୁଣ୍ଡରେ ଆଘାତ ଲାଗିବାରୁ ସେ ଚେତାଶୂନ୍ୟ ହୋଇପଡିଥିଲେ। ପରେ ଗାଁ ଲୋକେ ତାଙ୍କୁ ଉଦ୍ଧାର କରି ଡାକ୍ତରଖାନା ନେଇଥିଲେ। ପରେ ଏ ନେଇ ତାଙ୍କ ପରିବାର ପକ୍ଷରୁ ଥାନାରେ ଅଭିଯୋଗ କରାଯାଇଛି।

## 'ମହାମୃତ୍ୟୁଞ୍ଜୟ ଶିବ ମନ୍ଦିର ପରିସର ସବୁଜ ସୁନ୍ଦର କରାଯାଉ'

**ଖିଚିଂ, ୩।୭ (ସମିସ):** ମୟୂରଭଞ୍ଜ ଜିଲ୍ଲାର ଖିଚିଂ ହେଉଛି ଓଡ଼ିଶାର ଏକ ପ୍ରମୁଖ ଆଧ୍ୟାତ୍ମିକ ପୀଠ। ଭଞ୍ଜ ରାଜବଂଶର ଆରାଧ୍ୟା ଦେବୀ ମା' କୀଚକେଶ୍ୱରୀଙ୍କ ମନ୍ଦିରର ପୂର୍ବ ଦିଗରେ ଅବସ୍ଥିତ ନବମ ଶତାବ୍ଦୀରେ ନିର୍ମିତ ପଶ୍ଚିମାଭିମୁଖୀ କୁଟାଇତୁଣ୍ଡି (ମହାମୃତ୍ୟୁଞ୍ଜୟ ଶିବ) ମନ୍ଦିର। ଅତୁଳନୀୟ କଳାକୃତି ପାଇଁ ଏହାକୁ ଭୁବନେଶ୍ୱର ସ୍ଥିତ ମୁକ୍ତେଶ୍ୱର



ମନ୍ଦିର ସହିତ ତୁଳନା କରାଯାଏ। ଅତ୍ୟନ୍ତ ଜରାଜୀର୍ଣ୍ଣ ଅବସ୍ଥାରେ ଥିବା ଏହି ମନ୍ଦିରଟି ରାଜକୀୟ ପୃଷ୍ଠପୋଷକତା ଲାଭ କରି ୧୯୩୧-୩୨ରେ ପୁନଃନିର୍ମିତ ହୋଇଛି। କିନ୍ତୁ ପରିତାପର ବିଷୟ ଯେ, ଏହି ମନ୍ଦିର ପରିସରରେ କୌଣସି ଗଛ ଲତା ନ ଥିବାରୁ ପରିବେଶ ଶ୍ରୀହୀନ ଭଳି ଦେଖାଯାଉଛି। ଦେବାଳୟ ପରିସରରେ ପ୍ରସାଦ ଉପଯୋଗୀ ପୁଷ୍ପ ଫଳ ପ୍ରଦାନ କରୁଥିବା ବୃକ୍ଷଲତା ରହିବା ବିଧିସମ୍ମତ ଥିଲେ ସୁଦ୍ଧା ଏଥିପ୍ରତି କାହାରି ଦୃଷ୍ଟି ପଡୁନାହିଁ। ଦେଶରେ ଚଳିତ ମାସ ପହିଲାରୁ ସପ୍ତାହବ୍ୟାପୀ ୭୫ତମ ବନ ମହୋତ୍ସବ ପାଳନ ହେଉଥିବା ପରିପ୍ରେକ୍ଷୀରେ କରଞ୍ଜିଆ ବନାଞ୍ଚଳ ତଥା ସ୍ଥାନୀୟ ଉଦ୍ୟାନକୃଷି ବିଭାଗର ମିଳିତ ସହଯୋଗରେ ଏହି ମନ୍ଦିର ପରିସରରେ ଉନ୍ନତ କିସମର ବୃକ୍ଷରୋପଣ କରିବା ସହିତ ତାହାର ଉପଯୁକ୍ତ ରକ୍ଷଣାବେକ୍ଷଣ ଦାୟିତ୍ୱ ହାତକୁ ନେବା ପାଇଁ ସାଧାରଣରେ ମତ ପ୍ରକାଶ ପାଇଛି।

## ମଦ ଓ ପୋଚ ଜବତ; ୩ କୋର୍ଟ ଚାଲାଣ

**ବଡ଼ସାହି,୩।୭ (ସମିସ):** ବଡ଼ସାହି ଥାନା ଅଧୀନ ଶ୍ରରାମପୁର, ସୁନାଖଣୀ ଓ କଇଁଶାଳୀ ଗ୍ରାମରେ ବ୍ୟାପକ ଚୋରା ବେଆଇନ ଦେଶୀ ମଦ କାରବାର ହେଉ ଥିବାର ବେତନଟୀ ଅବକାରୀ ବିଭାଗ ଚଢ଼ଉ କରିଛି। ଫଳରେ ଶ୍ରରାମପୁର ଗ୍ରାମର ରାମହରି ମୁର୍ମୁ, ସୁନାଖଣୀ ଗ୍ରାମର ସବିତା ବେହେରା ଓ କଇଁଶାଳୀ ଗ୍ରାମର ବିଶୁ ସିଂଙ୍କୁ ବେଆଇନ ଚୋରା ମଦ କାରବାର ଅଭିଯୋଗରେ ଗିରଫ କରି କୋର୍ଟଚାଲାଣ କରାଯାଇଛି। ସେମାନଙ୍କ ନିକଟରୁ ୩୦୦ କେଜି ପୋଚ ଓ ୫୫ଲିଟର ଦେଶୀ ମଦ ସହିତ ମଦ ତିଆରି ସରଞ୍ଜାମ ଜବତ କରାଯାଇଛି।

## ବିଭିନ୍ନ ସ୍ଥାନରେ ଅବକାରୀ ଚଢ଼ଉ; ୩ ଗିରଫ

**ମୋରଡା,୩।୭ (ସମିସ):** ମୋରଡା ଅବକାରୀ ବିଭାଗରେ ଅଧିକାରୀ ବ୍ରଜମୋହନ ମଲ୍ଲିକ ଯୋଗଦେବା ପରଠାରୁ ଚୋରା ମଦ ବିକ୍ରି ଓ ତିଆରି ବନ୍ଦ କରିବା ପାଇଁ ଉଦ୍ୟମ ଜାରି ରଖିଥିବା ବେଳେ ଆଜି ବିଭିନ୍ନ ସ୍ଥାନରେ ଚଢ଼ଉ କରି ୩ ଜଣଙ୍କୁ ଗିରଫ କରାଯାଇଛି। ସୂଚନାଯୋଗ୍ୟ ଯେ ମୋରଡା ବ୍ଲକ ଅଧୀନ କାନ୍ଦଣା, ଭୁରୁଙ୍ଗାଶୋଳ, ମରୁଡିହି ଗ୍ରାମରେ ଅବକାରୀ ବିଭାଗ ଚଢ଼ଉ କରି ଯଥାକ୍ରମେ ୨୫,୨୪, ୨୫ ଲିଟର ବେଆଇନ ଦେଶୀ ମଦ ଜବତ କରିବା ସହିତ କାମିନୀକାନ୍ତ ଧଳ, ବ୍ରହ୍ମାନନ୍ଦ ଧଳ ଓ ଫୁଦନ ଚନ୍ଦ୍ର ଟୁଡୁଙ୍କୁ ଗିରଫ କରାଯାଇଛି।

# ପଣ୍ଡିତ ରଘୁନାଥ ମୁର୍ମୁଙ୍କୁ ଭାରତରତ୍ନ ପ୍ରଦାନ ପାଇଁ ଆଜ୍‌ସୁ ପକ୍ଷରୁ ଦାବିପତ୍ର

**ବାରିପଦା, ୩।୭ (ସମିସ):** ସାନ୍ତାଳୀ ଲିପି ଅଲଚିକିର ସ୍ରଷ୍ଟା ପଣ୍ଡିତ ରଘୁନାଥ ମୁର୍ମୁଙ୍କୁ ମରଣୋତ୍ତର ଭାରତରତ୍ନ ସମ୍ମାନରେ ବିଭୂଷିତ କରିବା ପାଇଁ ଅଲ ଝାରଖଣ୍ଡ ଷ୍ଟୁଡେଣ୍ଟସ ୟୁନିଅନ ଓଡିଶା ଶାଖା ପକ୍ଷରୁ ଏହାର ସଭାପତି ଆନ୍ତା ଆଲୋକ ବାସ୍କେ ରାଜ୍ୟପାଳ ଏବଂ ମୁଖ୍ୟମନ୍ତ୍ରୀଙ୍କ ଜରିଆରେ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଶ୍ରୀ ବାସ୍କେ ଜୁଲାଇ ୨ରେ ଓଡିଶାର ରାଜ୍ୟପାଳ ରଘୁବୀର ଦାସଙ୍କୁ ସାକ୍ଷାତ କରି ଏହି ଦାବିକୁ କେନ୍ଦ୍ର ସରକାରଙ୍କୁ ଆବଶ୍ୟକ ଅନୁମୋଦନ ସହ ଜଣାଇବାକୁ ଅନୁରୋଧ କରିଥିଲେ। ସେହିପରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ମଧ ଭେଟି ଅନ୍ୟ ଏକ ଦାବିପତ୍ର ପଣ୍ଡିତ ରଘୁନାଥ ମୁର୍ମୁଙ୍କୁ ଭାରତରତ୍ନ ପ୍ରଦାନ ସପକ୍ଷରେ ଦାବି ରଖିଥିଲେ। ଉଲ୍ଲେଖଯୋଗ୍ୟ ଯେ ସାନ୍ତାଳୀ ଭାଷା ଓ ସାହିତ୍ୟର ବିକାଶ ପାଇଁ ପଣ୍ଡିତ ରଘୁନାଥ ମୁର୍ମୁଙ୍କର ସମ୍ବଳିତ ସ୍ମାରକପତ୍ର ପ୍ରଦାନ କରିଥିଲେ। ରାଜ୍ୟପାଳଙ୍କୁ ଦିଆଯାଇଥିବା ଦାବିପତ୍ରରେ



ବାରିପଦାସ୍ଥିତ ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟରେ ଶିକ୍ଷାବର୍ଷ ୨୦୨୪ - ୨୦୨୫ରୁ ଗୁରୁ ଗମକେ ପଣ୍ଡିତ ରଘୁନାଥ ମୁର୍ମୁ ଚେୟାର ଖୋଲିବା, ଏମପିସି କଲେଜ ଓ ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟରେ ଆବଶ୍ୟକ ସଂଖ୍ୟକ ନିୟମିତ ସାନ୍ତାଳୀ ଶିକ୍ଷକ ନିଯୁକ୍ତି, ମୟୂରଭଞ୍ଜ, ବାଲେଶ୍ୱର ଓ କେଉଁଝରରେ ସାନ୍ତାଳ ଅଧ୍ୟୁଷିତ ଅଞ୍ଚଳରେ ଥିବା ମହାବିଦ୍ୟାଳୟରେ ସାନ୍ତାଳୀ ଅନର୍ସ, ଏମଆଇଏଲ ଓ ଇଲେକଟିଭ ବିଷୟ ଖୋଲିବା, ସାନ୍ତାଳୀ ଶିକ୍ଷାବିତଙ୍କୁ ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ, ବାଲେଶ୍ୱର ଫକୀରମୋହନ ବିଶ୍ୱବିଦ୍ୟାଳୟ ଓ କେଉଁଝରର ଡିଡି ବିଶ୍ୱବିଦ୍ୟାଳୟରେ ସିନେଟ/ସିଣ୍ଡିକେଟ ସଭ୍ୟ ଭାବେ ମନୋନୀତ କରିବା, ରଘୁନାଥ ମୁର୍ମୁ ଭେଷଜ ମହାବିଦ୍ୟାଳୟର ମୁଖ୍ୟ ଫାଟକର ଫଳକ ଅଲଚିକି ଲିପିରେ ଲେଖିବା ଓ ପ୍ରବେଶ ଫାଟକ ନିକଟରେ ଗୁରୁ ଗମକେ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରିବା ପ୍ରମୁଖ ଦାବି ରହିଛି। ଉଭୟ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀ ଆଲୋଚନା ଅବସରରେ ଦାବିଗୁଡିକର ସୁବିଚାର କରିବେ ବୋଲି ଆଶ୍ୱାସନା ଦେଇଥିଲେ। ସୂଚନାଯୋଗ୍ୟ ଯେ, ନବୀନ ପଟ୍ଟନାୟକ ସରକାର ଗତବର୍ଷ ୨୦୨୩ରେ ଗୁରୁ ଗମକେ ପଣ୍ଡିତ ରଘୁନାଥ ମୁର୍ମୁଙ୍କର ଦାଣ୍ଡବୋଷ, କାପିବୁରୁସ୍ଥିତ ସମାଧିପୀଠର ବିକାଶ ଓ ସୌନ୍ଦର୍ଯ୍ୟକରଣ ନିମନ୍ତେ ପ୍ରାୟ ୧୧ କୋଟି ଟଙ୍କାର କେତେକ ପ୍ରକଳ୍ପ ଘୋଷଣା କରିଥିଲେ। ଏଥିମଧ୍ୟରୁ କେବଳ ଗୋଟିଏ ଅଡିଟୋରିୟମ ଓ ଗବେଷଣା କେନ୍ଦ୍ର ସହ ବାଉଣ୍ଡାରୀର ନିର୍ମାଣକାର୍ଯ୍ୟ ଚାଲିଥିବା ବେଳେ ଅନ୍ୟ ନିର୍ମାଣଗୁଡିକର କାର୍ଯ୍ୟ ଆରମ୍ଭ କରିବା ପାଇଁ ସଭ୍ୟମାନେ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଟ୍ରଷ୍ଟର ସାଧାରଣ ସମ୍ପାଦକ, ଅଖିଳ ଭାରତ ସାନ୍ତାଳୀ ଲେଖକ ସଂଘର ବରିଷ୍ଠ ଉପସଭାପତି ତଥା କେନ୍ଦ୍ର ସାହିତ୍ୟ ଏକାଡେମୀର ପୂର୍ବତନ ଆବାହକ ମଦନ ମୋହନ ସୋରେନ ସାନ୍ତାଳୀ ଭାଷା ଏକ ସାମ୍ବିଧାନିକ ଭାଷା ହୋଇଥିବାରୁ ସରକାର ଏହାର ବିକାଶ ନିମନ୍ତେ ସ୍ୱତନ୍ତ୍ର ଦୃଷ୍ଟି ଦେବାର ଆବଶ୍ୟକତା ରହିଛି ବୋଲି ମନ୍ତବ୍ୟ ରଖିଥିଲେ।

## ରାଧାକୃଷ୍ଣ ଉଚ୍ଚ ବିଦ୍ୟାଳୟର ସ୍ୱନକ୍ଷତ୍ର ଦିବସ ପାଳିତ



**ବହସାହି,୩।୭ (ସମିସ):** ବଡସାହି ବ୍ଲକ୍ ଅଧୀନ ସିଂହଟିଆସ୍ଥିତ ସରକାରୀ ରାଧାକୃଷ୍ଣ ଉଚ୍ଚ ବିଦ୍ୟାଳୟର ୬୦ତମ ସ୍ୱନକ୍ଷତ୍ର ଦିବସ ପାଳିତ ହୋଇଯାଇଛି। ଏଥିରେ ପ୍ରଧାନଶିକ୍ଷକ ହରିହର ବେହେରା ସଭାପତିତ୍ୱ କରିଥିଲେ। ଏଥିରେ ଅତିଥି ଭାବେ ପୁରାତନ ଛାତ୍ର ସଂସଦ ଓ ଆଲୁମିନି କମିଟିର ସଭାପତି ମନୋରଂଜନ ବଳ, ସମ୍ପାଦକ ସୁବୋଧ କୁମାର ଦଣ୍ଡପାଟ, ସହସଂପାଦକ ବଙ୍କିମ ବିହାରୀ ପାତ୍ର, ପରିଚାଳନା କମିଟିର ସଭାପତି ଯତିନ୍ଦ୍ର କଳିଆ, ଅବସରପ୍ରାପ୍ତ କ୍ରୀଡାଶିକ୍ଷକ ନବକିଶୋର ସାର ପ୍ରମୁଖ ବିଦ୍ୟାଳୟ ୬୦ ବର୍ଷର ଇତିହାସକୁ ରୋମନ୍ଥନ କରିଥିଲେ। ଉତ୍ତମ ପରିବେଶ କିପରି ଛାତ୍ରଛାତ୍ରୀଙ୍କ ଜୀବନ ଗଠନରେ ମୁଖ୍ୟ ଭୂମିକା ଗ୍ରହଣ କରିଥାଏ।

ତ୍ୟାଗ ମନୋବୃତ୍ତି ରଖିଲେ ପ୍ରତ୍ୟେକ ଛାତ୍ର ଜଣେ ଜଣେ ଭଲ ମଣିଷ ହୋଇପରିବେ ବୋଲି ଅତିଥିମାନେ ଛାତ୍ରଛାତ୍ରୀମାନଙ୍କ ଉଦ୍ଦେଶ୍ୟରେ ବକ୍ତବ୍ୟ ରଖିଥିଲେ। ଏହି କାର୍ଯ୍ୟକ୍ରମରେ ଶିକ୍ଷକ ନିଗମାନନ୍ଦ ମହାପାତ୍ର ଅତିଥି ପରିଚୟ ଓ ଧନ୍ୟବାଦ ଅର୍ପଣ କରିଥିଲେ।

● ଦ୍ୱିତୀୟ ଶ୍ରୀକ୍ଷେତ୍ରର ରଥଯାତ୍ରା କାର୍ଯ୍ୟସୂଚୀ

## ୮ ଓ ୯ରେ ଅଢ଼େଇଟାରୁ ୫ଟା ମଧ୍ୟରେ ରଥଟଣା

**ବାରିପଦା, ୩।୭(ସମିସ):** ଦ୍ୱିତୀୟ ଶ୍ରୀକ୍ଷେତ୍ର ବାରିପଦାରେ ଶ୍ରୀଶ୍ରୀ ହରିବଳଦେବ ଜୀଉ ବିଜେଙ୍କ ରଥଯାତ୍ରା ନିମନ୍ତେ କାର୍ଯ୍ୟସୂଚୀ ପ୍ରକାଶ ହୋଇଛି। କାର୍ଯ୍ୟସୂଚୀ ଅନୁଯାୟୀ, ଆଗାମୀ ଜୁଲାଇ ୭ ତାରିଖ ଶ୍ରୀ ଗୁଣ୍ଡିଚା ଯାତ୍ରା ନିମନ୍ତେ ପହଣ୍ଡି ବିଜେ ଅନୁଷ୍ଠିତ ହେବ। ଏହାପରେ ଜୁଲାଇ ୮ ଓ ୯ ତାରିଖରେ ଦୁଇ ଦିନ ଧରି ଅପରାହ୍ନ ଅଢେଇଟାଠାରୁ ସାଢେ ୫ଟା ମଧ୍ୟରେ ରଥଟଣା ହେବ। ଜୁଲାଇ ୧୦ରୁ ୧୪ ତାରିଖ ପର୍ଯ୍ୟନ୍ତ ପ୍ରତ୍ୟେକ ସନ୍ଧ୍ୟାରେ ମହାପ୍ରଭୁ ବିଭିନ୍ନ ବେଶରେ ଦର୍ଶନ ଦେବେ। ଜୁଲାଇ ୧୫ ତାରିଖ ବାହୁଡା ରଥଯାତ୍ରା ପହଣ୍ଡି ବିଜେ ଏବଂ ଜୁଲାଇ ୧୬ ଓ ୧୭ ତାରିଖ ଦୁଇଦିନ ଅପରାହ୍ନ ଅଢେଇଟାରୁ ସାଢେ ୫ଟା ମଧ୍ୟରେ ବାହୁଡା ରଥ ହେବ। ଚଳିତ ବର୍ଷ ମଧ୍ୟ ପରମ୍ପରା ଅନୁଯାୟୀ ଦେବୀ ସୁଭଦ୍ରାଙ୍କ ରଥକୁ କେବଳ ମହିଳା ଟାଣିବେ। ବାରିପଦା ଶ୍ରୀଶ୍ରୀ ସାନ ଜଗନ୍ନାଥ (ବାଣ୍ଡିଆ ଜଗନ୍ନାଥ) ମହାପ୍ରଭୁଙ୍କ ରଥଟଣା ଜୁଲାଇ ୯ ଏବଂ ବାହୁଡା ରଥଟଣା ଜୁଲାଇ ୧୭ ତାରିଖ ଉଭୟ ଦିନ ପୂର୍ବାହ୍ନ ସାଢେ ୯ଟାରୁ ସାଢେ ୧୧ଟା ମଧ୍ୟରେ ଅନୁଷ୍ଠିତ ହେବ। ବାରିପଦା ଦେବୋତ୍ତର ଅଧୀନରେ ଥିବା ମାଣତ୍ରୀର ଶ୍ରୀଶ୍ରୀ କଖାରୁଆ ବୈଦ୍ୟନାଥ, ପ୍ରତାପପୁରରେ ଶ୍ରୀଶ୍ରୀ ଦଧିବାମନ ଜୀଉ, ଖୁଣ୍ଟାର ଶ୍ରୀଶ୍ରୀ ରଘୁନାଥ ଜୀଉ ମଠ, କାଛୀମଠ ଶ୍ରୀଶ୍ରୀ ଚୈତନ୍ୟ ନିତ୍ୟାନନ୍ଦ ମହାପ୍ରଭୁ ବିଜେ, ଅମର୍ଦା ଶ୍ରୀଶ୍ରୀ ହରିବଳଦେବ ଜୀଉ ମଠ ଏବଂ ମଙ୍ଗଳପୁର ମଠ ଶ୍ରୀଶ୍ରୀ ବାଣଲିଙ୍ଗେଶ୍ୱର ମହାପ୍ରଭୁଙ୍କ ମଧ୍ୟ ରଥଟଣା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ।



ଗ୍ରୀଷ୍ମ ଛୁଟି ପରେ ୧୨ ଦିନ ହେଲା ଖୋଲିଲାଣି ସ୍କୁଲ

# ନବମ ଓ ଦଶମ ବିଦ୍ୟାର୍ଥୀଙ୍କୁ ମିଳିନି ପୁସ୍ତକ, ଜୋତା

**ବାରିପଦା, ୩।୭(ସମିସ)**

ରାଜ୍ୟ ସରକାର ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ଶିକ୍ଷାକୁ ଗୁରୁତ୍ୱ ଦେବା ସହିତ ପିଲାଙ୍କୁ ସ୍କୁଲ ମନସ୍କ କରିବା ନିମନ୍ତେ ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରିଛନ୍ତି। କୌଣସି ପିଲା ଶିକ୍ଷାରୁ ଯେଭଳି ବଞ୍ଚିତ ନ ହୁଅନ୍ତି ସେଥିପାଇଁ ସରକାର ମାଗଣା ପୁସ୍ତକ, ଜୋତା, ପୋଷାକ, ଟୋପି ପ୍ରଦାନ କରୁଛନ୍ତି। ଏପରିକି ସାଇକଲ ଓ ଲାପଟପ କିଣିବା ପାଇଁ ମଧ୍ୟ ସରକାରୀ ସହାୟତା ମିଳୁଛି। ସରକାରୀ ସ୍କୁଲକୁ

● ପୁରୁଣା ପୋଷାକ ପିନ୍ଧି ଆସୁଛନ୍ତି ଛାତ୍ରଛାତ୍ରୀ

ଆକୃଷ୍ଟ କରିବା ପାଇଁ ୫-ଟି ଯୋଜନାରେ ରୂପାନ୍ତରୀକରଣ ଓ ଶିକ୍ଷା ସମ୍ବନ୍ଧୀୟ ସମାଗ୍ରୀର ବ୍ୟବସ୍ଥା କରିଛନ୍ତି ସରକାର। ଡିଜିଟାଲ ବୋର୍ଡଠାରୁ ଆରମ୍ଭ କରି ଅନଲାଇନ ଶିକ୍ଷା ପ୍ରଚଳନ ହୋଇଛି; ମାତ୍ର ଇତିମଧ୍ୟରେ ଶିକ୍ଷାବର୍ଷ ଆରମ୍ଭ ହେବାର ତିନି ମାସ ଓ ଗ୍ରୀଷ୍ମ ଛୁଟି ଖୋଲିବାର ୧୨ ଦିନ ବିତିଯାଇଥିଲେ ମଧ୍ୟ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ଅଦ୍ୟାବଧି ମୟୂରଭଞ୍ଜ ଜିଲ୍ଲାରେ ୯ମ ଓ ୧୦ମ ଆଦିବାସୀ ଛାତ୍ରଛାତ୍ରୀଙ୍କୁ ପାଠ୍ୟପୁସ୍ତକ ମିଳିନାହିଁ। ଫଳରେ ହାଇସ୍କୁଲ ସ୍ତରରେ ପୁରୁଣା ବହିରେ ପାଠପଢ଼ା ଚାଲିଛି। ମୟୂରଭଞ୍ଜ ଜିଲ୍ଲାରେ ୨୯୨ ସରକାରୀ, ୨୦୨ ବ୍ଲକ ଗ୍ରାଣ୍ଟ, ୪୪ ଅନୁଦାନ ପ୍ରାପ୍ତ ହାଇସ୍କୁଲ ସମେତ ୫୩୮ଟି ବିଦ୍ୟାଳୟ ରହିଛି। ଏଥିରେ ୬୫ ହଜାରରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଶିକ୍ଷା ଗ୍ରହଣ କରୁଛନ୍ତି। ସେଥି ମଧ୍ୟରୁ ପ୍ରାୟ ୪୦ ହଜାର ପାଖାପାଖି ଅନୁସୁଚିତ ଜାତି ଓ ଜନଜାତି ବର୍ଗର ଛାତ୍ରଛାତ୍ରୀ ପଢୁଛନ୍ତି। ଚଳିତ ବର୍ଷ ଏପ୍ରିଲ ୧ରୁ ଶିକ୍ଷାବର୍ଷ ଆରମ୍ଭ ହୋଇ ଏକମାସ ହେଲା ପାଠପଢ଼ା ଆରମ୍ଭ ହୋଇଥିଲା। ଗ୍ରୀଷ୍ମ ଅବକାଶ ଛୁଟି ହେବାରୁ ଦେଢମାସ ଧରି ବିଭିନ୍ନ ଆପ୍ ମାଧ୍ୟମରେ ଅନଲାଇନ ଶିକ୍ଷାଦାନ ପ୍ରଦାନ କରାଯାଇଛି ; ମାତ୍ର ଅନୁସୁଚିତ ଜାତି ଓ ଜନଜାତିର ଛାତ୍ରଛାତ୍ରୀଙ୍କୁ ମାଗଣା ପାଠ ପୁସ୍ତକ ଯୋଗାଇ ଦିଆଯାଇନାହିଁ। ଅନ୍ୟପକ୍ଷରେ ଶିକ୍ଷା ବର୍ଷ ପ୍ରାରମ୍ଭରୁ ଦୋକାନ ବଜାରରେ ଏହି ପୁସ୍ତକ ବିକ୍ରି ହେଉଥିବା ବେଳେ ସରକାରୀ ସ୍ତରରେ ଏହାକୁ ପ୍ରଦାନ କରିବାରେ ବିଳମ୍ବ ଦେଖାଦେଇଛି। ଏହାକୁ ନେଇ ଅଭିଭାବକ ଚିନ୍ତାରେ ପଡ଼ିଛନ୍ତି। ଶିକ୍ଷା ବ୍ୟବସ୍ଥାରେ ରାଜ୍ୟ ସରକାରଙ୍କ ଅନୁଦାନରେ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ପାଠ୍ୟ ପୁସ୍ତକ କିଣାଯାଇ ପ୍ରତି ସ୍କୁଲରେ ମାଗଣା ବଣ୍ଟନ କରାଯାଇଥାଏ। ଏହି ବହି ଗୁଡିକ ଡାଇରେକ୍ଟର ଟେକ୍ସଟ ବୁକ ପ୍ରଡକ୍ସନ ମାର୍କେଟିଂ ମାଧ୍ୟମରେ ବହି ଯୋଗାଣ କରାଯାଇଥାଏ। ବାରିପଦା, ଉଦଳା, କରଞ୍ଜିଆ ଓ ରାଇରଙ୍ଗପୁର ସବଡିଭିଜନ ସ୍ତରରେ ପୁସ୍ତକ ଗଚ୍ଛିତ କରାଯାଇଥାଏ। ବାରିପଦାର ଏମ୍‌କେସି ବିଦ୍ୟାଳୟରେ ୧୦ଟି ବ୍ଲକ, ଉଦଳାରେ ୪ଟି ବ୍ଲକ, କରଞ୍ଜିଆରେ ୫ଟି ଓ ରାଇରଙ୍ଗପୁରରେ ୭ଟି ବ୍ଲକ ପାଇଁ ପୁସ୍ତକ ଗଚ୍ଛିତ ରହିଛି। ଏହି ସବୁ କେନ୍ଦ୍ରରୁ ସ୍କୁଲର ଶିକ୍ଷକମାନଙ୍କୁ ପୁସ୍ତକ ପ୍ରଦାନ କରାଯାଇଥାଏ। ତେବେ ଚଳିତ ବର୍ଷ ହିନ୍ଦୀ ଓ ସଂସ୍କୃତ ଭାଷାର ବହି ମିଳିବାରେ ବିଳମ୍ବ ହେବାରୁ ପୁସ୍ତକ ବଣ୍ଟନ କରାଯାଇପାରିନାହିଁ ବୋଲି ବିଭାଗ ପକ୍ଷରୁ ସୂଚନା ମିଳିଛି। ଏପରି ସ୍ଥଳେ ଦଶମ ଶ୍ରେଣୀରେ ପଢୁଥିବା ଛାତ୍ରଛାତ୍ରୀଙ୍କ ଅଳ୍ପ ଦିନ ପରେ ପରୀକ୍ଷା ଆରମ୍ଭ ହେବାକୁ ଥିବା ବେଳେ ପାଠ୍ୟ ପୁସ୍ତକ ବିନା ପାଠପଢ଼ିବା ସହଜ ହୋଇପାରୁନାହିଁ ବୋଲି ଅଭିଭାବକ ପ୍ରକାଶ କରିଛନ୍ତି। ଏ ନେଇ ଜିଲ୍ଲା ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ କହନ୍ତି, ୧୦ମ ପାସ କରୁଥିବା ଛାତ୍ରଛାତ୍ରୀଙ୍କଠାରୁ ପୁରୁଣା ବହିଗୁଡିକ ସଂଗ୍ରହ କରି ଯୋଗାଇବାର ବ୍ୟବସ୍ଥା ରହିଛି। ତେବେ ଖୁବଶୀଘ୍ର ଚଳିତ ବର୍ଷର ପୁସ୍ତକ ବଣ୍ଟନ ଗ୍ରହଣ କରାଯିବ। ତେବେ ଦଶମ ପାସ କରୁଥିବା ଛାତ୍ରଛାତ୍ରୀ ପାଠ୍ୟପୁସ୍ତକ ଫେରାଉ ନ ଥିବାରୁ ସ୍କୁଲରେ ବୁକ ବ୍ୟାଙ୍କ କରିବାରେ ଅସୁବିଧା ପରିଲକ୍ଷିତ ହୋଇଥିବା ନେଇ କେତେକ ଶିକ୍ଷକ ନାମ ଗୋପନ ରଖି ପ୍ରକାଶ କରିଛନ୍ତି। ସେହିପରି ହାଇସ୍କୁଲ ଛାତ୍ରଛାତ୍ରୀଙ୍କୁ ଜୋତା, ପୋଷାକ ଓ ଟୋପି ମଧ୍ୟ ଦିଆଯାଉନାହିଁ। ଅପରପକ୍ଷରେ ଜିଲ୍ଲାର ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଗୁଡିକରେ ଯଦିଓ ପୁସ୍ତକ ବଣ୍ଟନ ସରିଛି; କିନ୍ତୁ ଜୋତା ଓ ପୋଷାକ ମିଳିନାହିଁ। ଏହି ସ୍କୁଲରେ ପରିଚାଳନା କମିଟି ସାମଗ୍ରୀ କିଣି ପିଲାମାନଙ୍କୁ ଯୋଗାଇଥାନ୍ତି। ପରନ୍ତୁ ଏପର୍ଯ୍ୟନ୍ତ ତାହା ହୋଇନାହିଁ। ଫଳରେ ୨ଲକ୍ଷରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ପୁରୁଣା ପୋଷାକ ପିନ୍ଧି ସ୍କୁଲ ଆସୁଛନ୍ତି। କିଛି ଛାତ୍ରଛାତ୍ରୀଙ୍କ ଶରୀର ଅଭିବୃଦ୍ଧି ପାଇଁ ପୁରୁଣା ପୋଷାକ ଛୋଟ ତଥା ପିନ୍ଧିବା କଷ୍ଟକର ହେଉଛି। ଉକ୍ତ କର୍ତ୍ତୃପକ୍ଷ ଏଥି ପ୍ରତି ଦୃଷ୍ଟି ଦେବାକୁ ଅଭିଭାବକ ମହଲରେ ଦାବି ହେଉଛି।



● ମାଟି କାନ୍ଥ ପଡ଼ି ନାବାଳକ ମୃତ ଘଟଣା

## ଜାତୀୟ ମାନବ ଅଧିକାରୀଙ୍କୁ ଅଭିଯୋଗ

**ବାରିପଦା, ୩।୭(ସମିସ):** ମୋରଡ଼ା ବ୍ଲକ ଅଞ୍ଚଳରେ ମାଟି ଘର କାନ୍ଥ ପଡ଼ି ନାବାଳକ ମୃତ ଘଟଣା ଜାତୀୟ ମାନବ ଅଧିକାରୀ କମିଶନଙ୍କ ନିକଟରେ ପହଞ୍ଚିଛି। ମୃତକ ପରିବାରକୁ କୋଣସି କ୍ଷତିପୂରଣ ରାଶି ନ ମିଳିବାରୁ କମିଶନଙ୍କ ନିକଟରେ ଅଭିଯୋଗକ୍ରମେ ଏକ ମାମଲା ରୁଜୁ ହୋଇଛି। ମୟୂରଭଞ୍ଜ ଜିଲ୍ଲା ମୋରଡା ବ୍ଲକ ଅନ୍ତର୍ଗତ ଆଣୁଆ ଗ୍ରାମର ମାଇଁସା ମାର୍ଣ୍ଡିଙ୍କ ୧୫ ବର୍ଷର ନାବାଳକ ଭୁଜୁ ମାର୍ଣ୍ଡିଙ୍କ ମୃତ୍ୟୁ ଘଟିଥିଲା। ଗତ ୬ ଜୁଲାଇ ୨୦୨୩ରେ ମୌସୁମୀ ବର୍ଷା ଯୋଗୁଁ ଘର ମାଟି କାନ୍ଥ ପଡ଼ିଯିବାରୁ ନାବାଳକ ଗୁରୁତର ହୋଇ ପିଆରଏମ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା; ମାତ୍ର ଘଟଣା ଘଟିବାର ଏକ ବର୍ଷ ପୂର୍ତ୍ତି ହୋଇଯାଇଥିଲେ ହେଁ କୌଣସି କ୍ଷତିପୂରଣ ସହାୟତା ରାଶି ଆଜି ପର୍ଯ୍ୟନ୍ତ ମିଳିନାହିଁ। ମାଇଁସାଙ୍କ ପରିବାର ଅତ୍ୟନ୍ତ ଗରିବ ଶ୍ରେଣୀର। ଏ ନେଇ ଜୁଲାଇ ୩ରେ ବାଲେଶ୍ୱର ଜିଲ୍ଲାର ମାନବାଧିକାର କର୍ମୀ ଅଶୋକ କୁମାର ଦତ୍ତ ଜାତୀୟ ମାନବାଧିକାର ଆୟୋଗଙ୍କ ନିକଟରେ ଅଭିଯୋଗ କରିଛନ୍ତି। ସେହି ଅଭିଯୋଗ ଆଧାରରେ କମିଶନ ଏକ ମାମଲା ରୁଜୁ କରିଛନ୍ତି।

## ଓଡ଼ିଶା ଡ୍ରାଇଭର ମହାସଂଘର ବୈଠକ ଓ ନୂତନ କର୍ମକର୍ତ୍ତା

**ବାରିପଦା, ୩।୭(ସମିସ):** ଓଡ଼ିଶା ଡ୍ରାଇଭର ମହାସଂଘ ମୟୂରଭଞ୍ଜ ଜିଲ୍ଲା ଶାଖା ପକ୍ଷରୁ ବୁଧବାର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସଂଘର ନୂତନ କର୍ମକର୍ତ୍ତାଙ୍କ ନାମ ଘୋଷଣା କରାଯାଇଛି। ରାସଗୋବିନ୍ଦପୁର ସ୍ଥିତ ଦେବଶୋଳ ଶିବ ମନ୍ଦିର ବାବା ବୁଦ୍ଧେଶ୍ୱରଙ୍କ ପ୍ରାଙ୍ଗଣରେ ଜିଲ୍ଲା ସଭାପତି ବିଜୟ କୁମାର ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ ଜିଲ୍ଲା କୋଷାଧ୍ୟକ୍ଷ ପାର୍ଥସାରଥି ମହାନ୍ତ, ସହ ସମ୍ପାଦକ ବ୍ରଜସୁନ୍ଦର ବାସୁରୀ, ସାଂଗଠନିକ ସହ ସମ୍ପାଦକ ଚିତ୍ତରଞ୍ଜନ ପାତ୍ର, ଜିଲ୍ଲା ଆଡମିନ ବିନୋଦ ଲୋହାର ଉପସ୍ଥିତି ରହି ଆଲୋଚନା କରିଥିଲେ। ସର୍ବସମ୍ମତିକ୍ରମେ ରାସଗୋବିନ୍ଦପୁର ଡ୍ରାଇଭର ମହାସଂଘ ସଭାପତି ଭାବେ ଦିଲ୍ଲୀପ ପାତ୍ର, ଉପ ସଭାପତି ଭାବେ ପ୍ରଦୀପ ବେହେରା, ସମ୍ପାଦକ ଭାବେ କମଳଲୋଚନ ବେହେରା, ସହ ସମ୍ପାଦକ ଭାବେ ଦେବାଶିଷ ଆଚାର୍ଯ୍ୟ, କୋଷାଧକ୍ଷ ଭାବେ ପ୍ରଫୁଲ୍ଲ ପଟ୍ଟନାୟକ, ଉପଦେଷ୍ଟା ଭାବେ ସୁବଳ ଚନ୍ଦ୍ର ରାଉତ, ଉପସଭାପତି ଭାବେ ଶିବଶଙ୍କର ମହାନ୍ତି ଏବଂ ସହ କୋଷାଧକ୍ଷ ଭାବେ ନିର୍ମଳ ଚନ୍ଦ୍ର ପାତ୍ରଙ୍କୁ ମନୋନୀତ କରାଯାଇଛି। ବୈଠକରେ ରାସଗୋବିନ୍ଦପୁର ବ୍ଲକର ଡ୍ରାଇଭର ମହାସଂଘର ସମସ୍ତ ସଦସ୍ୟ, ପଞ୍ଚାୟତ ଆଡମିନ ଓ ଜିଲ୍ଲା କମିଟି ସଦସ୍ୟ ଉପସ୍ଥିତ ଥିଲେ।



## ସବୁ ସ୍କୁଲରେ 'ସବୁଜ ସଂକଳ୍ପ' ଗ୍ରହଣ ପାଇଁ ଜିଲ୍ଲା ଶିକ୍ଷାଧିକାରୀଙ୍କ ପରାମର୍ଶ

**ବାରିପଦା, ୩।୭(ସମିସ):** ମୟୂରଭଞ୍ଜ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ଅଧୀନରେ ଥିବା ଜାତୀୟ ସବୁଜ ବାହିନୀ (ଇକୋ କ୍ଲବ)ର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀଙ୍କ ମନରେ ପ୍ରକୃତି ଏବଂ ପରିବେଶର ସୁରକ୍ଷା ପାଇଁ ବ୍ୟାପକ ବୃକ୍ଷ ରୋପଣ ଏବଂ ଏହାର ସୁରକ୍ଷା ପାଇଁ ସଚେତନତା ସୃଷ୍ଟି ନିମନ୍ତେ ବନ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀଙ୍କ




ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ବାରିପଦା ବନଖଣ୍ଡ ଅଧିକାରୀ ଏ. ଉମା ମହେଶ ଯୋଗଦେଇ ମୟୂରଭଞ୍ଜ ଜିଲ୍ଲା ବିଶ୍ୱ ତାପନରେ ବିଶ୍ୱରେ ରେକର୍ଡ ସୃଷ୍ଟି କରି ଥିବାରୁ ଏହି ବିପଦରୁ ରକ୍ଷା ପାଇବା ପାଇଁ ଜଙ୍ଗଲ ସୁରକ୍ଷା ଏବଂ ବୃକ୍ଷରୋପଣ କରିବା ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଜିଲ୍ଲା ଇକୋ କ୍ଲବର ମାଷ୍ଟର ଟ୍ରେନର ତଥା ଜିଲ୍ଲା ସଂଯୋଜକ ଡ଼କ୍ଟର ରମାକାନ୍ତ ମହାନ୍ତ ଯୋଗଦାନ କରି ନଷ୍ଟ ହୋଇ ଥିବା ଜଙ୍ଗଲକୁ ଭରଣା କରିବା ପାଇଁ ଏବଂ ବିଶ୍ୱ ତାପନ ତଥା ଜଳବାୟୁ ପରିବର୍ତ୍ତନର ପ୍ରଭାବକୁ ହ୍ରାସ କରିବା ପାଇଁ ଚତୁର୍ଦ୍ଦିଗରେ ସବୁଜିମା ଭରି ଦେବା ଏକ ମାତ୍ର ବିକଳ୍ପ ବୋଲି କହିଥିଲେ। ମୟୂରଭଞ୍ଜ ଜିଲ୍ଲାର ସବୁ ବିଦ୍ୟାଳୟରେ ବନ ମହୋତ୍ସବ ପାଳନ ଅବସରରେ ବୃକ୍ଷରୋପଣ କରି ଏହାର ସୁରକ୍ଷା ପାଇଁ 'ସବୁଜ ସଂକଳ୍ପ' ଗ୍ରହଣ କରିବା ପାଇଁ ଶ୍ରୀ ସେଠୀ ପରାମର୍ଶ ଦେଇଥିଲେ। ଏହି ଅବସରରେ ସେ ଏକ ସ୍ୱରଚିତ କବିତା ପାଠ କରି ସମସ୍ତଙ୍କ ମନରେ ପରିବେଶର ସୁରକ୍ଷା ପାଇଁ ସଚେତନତା ସୃଷ୍ଟି କରିଥିଲେ।

ଏଠାରେ ଉଲ୍ଲେଖନୀୟ ଯେ ଜିଲ୍ଲାଶିକ୍ଷା ଅଧିକାରୀ ସବୁ ବିଦ୍ୟାଳୟରେ ଜୁଲାଇ ମାସର ପ୍ରଥମ ସପ୍ତାହରେ ବନ ମହୋତ୍ସବ ପାଳନ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। କାର୍ଯ୍ୟକ୍ରମକୁ ଜିଲ୍ଲା ବିଜ୍ଞାନ ପରିଦର୍ଶକ ଜ୍ଞାନରଞ୍ଜନ ଆଚାର୍ଯ୍ୟ ପରିଚାଳନା କରିଥିବା ବେଳେ ଏମଆଇଏସ ସଂଯୋଜକ ସୁବ୍ରତ କୁମାର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ ପେଡ଼ାଗୋଜି ସଂଯୋଜିକା ଶୈଳବାଳା ବେହେରା, ଅଶ୍ୱିନୀ କୁମାର ସିଂହ ଏବଂ ପବନ କୁମାର ସାହୁ ସହଯୋଗ କରିଥିଲେ।

## ଜିଲ୍ଲାରେ ୧୦ ଚୁକ୍ତିଭିତ୍ତିକ ଡାକ୍ତରଙ୍କୁ ନିଯୁକ୍ତି

**ବାରିପଦା, ୩।୭(ସମିସ):** ରାଜ୍ୟ ସରକାରଙ୍କ ପକ୍ଷରୁ ମୟୂରଭଞ୍ଜ ଜିଲ୍ଲାରେ ସ୍ୱାସ୍ଥ୍ୟସେବା ପାଇଁ ୧୦ ଚୁକ୍ତିଭିତ୍ତିକ ଡାକ୍ତରଙ୍କୁ ନିଯୁକ୍ତ କରାଯାଇଛି। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ରାଜ୍ୟରେ ବିଭିନ୍ନ ଡାକ୍ତରଖାନା ଖାଲି ପଡ଼ିଥିବା ପଦବୀରେ ୫୯ଜଣ ଡାକ୍ତରଙ୍କୁ ଅସ୍ଥାୟୀ ଭାବେ ନିଯୁକ୍ତି ପ୍ରଦାନ କରାଯାଇଛି। ଏଥିମଧ୍ୟରେ ବାରିପଦା ସ୍ଥିତ ପିଆରଏମ ମେଡ଼ିକାଲ କଲେଜ ଏବଂ ହସ୍ପିଟାଲ ସମେତ ମୟୂରଭଞ୍ଜ ଜିଲ୍ଲାର ଅନ୍ୟାନ୍ୟ ଡାକ୍ତରଖାନାରେ ୧୦ ଜଣକୁ ନିଯୁକ୍ତ କରାଯାଇଛି। ଆସନ୍ତା ୧ବର୍ଷ କିମ୍ବା ସ୍ଥାୟୀ ପଦବୀ ପୂରଣ ହେବା ପର୍ଯ୍ୟନ୍ତ କିମ୍ବା ଡାକ୍ତରଙ୍କୁ ୭୦ ବର୍ଷ ହେବା ପର୍ଯ୍ୟନ୍ତ ସେମାନେ ଉକ୍ତ ପଦବୀରେ ରହିବେ ବୋଲି ବିଜ୍ଞାପ୍ତି ପ୍ରକାଶ ପାଇଛି। ତେବେ ଅଧିକାଂଶ ଡାକ୍ତରଙ୍କୁ ସିଏଚ୍‌ସିରେ ନିଯୁକ୍ତି ଦିଆଯାଇଛି। କୌଣସି ଡାକ୍ତର ଯଦି ଲଗାତାର ୧୦ ଦିନ ପର୍ଯ୍ୟନ୍ତ ଡ୍ୟୁଟି ନ କରନ୍ତି ତାଙ୍କ ଚୁକ୍ତି ବାତିଲ ହୋଇଯିବ ବୋଲି ନିର୍ଦ୍ଦେଶ ରହିଛି। ବିଜ୍ଞପ୍ତି ପ୍ରକାଶ ପାଇବାର ୧୫ଦିନ ମଧ୍ୟରେ ସମ୍ପୃକ୍ତ ଡାକ୍ତରଖାନାରେ ଯୋଗ ଦେବାକୁ ପଡ଼ିବ। ବର୍ଷକୁ ୧୫ଦିନରୁ ଅଧିକ ଛୁଟି ମିଳିବ ନାହିଁ ବୋଲି ମଧ୍ୟ ନିର୍ଦ୍ଦେଶାଳୟ ପକ୍ଷରୁ ସ୍ପଷ୍ଟ କରାଯାଇଛି। ତେବେ ମୟୂରଭଞ୍ଜ ଜିଲ୍ଲାରେ ଖାଲି ଥିବା ଡାକ୍ତର ପଦବୀ ସମ୍ପୂର୍ଣ୍ଣ ଭାବେ ପୂରଣ କରିବା ସହ ନିୟମିତ ଡାକ୍ତର ନିଯୁକ୍ତି ପାଇଁ ସ୍ଥାନୀୟରେ ଦାବି ହୋଇଛି।

## ସାରସକ୍ଷେତ୍ର ରଥଯାତ୍ରା ପାଇଁ ଚୂଡ଼ାନ୍ତ ପ୍ରସ୍ତୁତି ବୈଠକ



**ସାରସକଣା/ଜାମଶୋଳା, ୩।୭(ସମିସ):** ସାରସକଣା ସାରସକ୍ଷେତ୍ରରେ ଚଳିତବର୍ଷ ରଥଯାତ୍ରା ନେଇ ଚୂଡାନ୍ତ ପ୍ରସ୍ତୁତି ବୈଠକ ପରିଚାଳନା କମିଟି ସଭାପତି ପଦ୍ମନାଭ ସାହୁଙ୍କ ଆହ୍ୱାନକ୍ରମେ ଦେଉଳର କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସାରସକଣା ତହସିଲଦାର ରାଜେନ୍ଦ୍ର ନାରାୟଣ କର ପୌରୋହିତ୍ୟ କରିଥିବା ବେଳେ ସମ୍ପାଦକ ଜଗନ୍ନାଥ ସାହୁ ଓ କୋଷାଧକ୍ଷ ଅନ୍ତର୍ଯ୍ୟାମୀ ସାହୁ ଆଗାମୀ ଗୁଣ୍ଡିଚା ଯାତ୍ରାର ରୂପରେଖ ଉପସ୍ଥାପନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁମନ ରାଜା ମହାନ୍ତି, ସମନ୍ୱିତ ଶିଶୁ ବିକାଶ ଯୋଜନା ଅଫିସ ତରଫରୁ ଦୀପ୍ତି ମିଶ୍ର ଓ ସୁଶୀଳା ବେହେରା, ସାରସକଣା ଓ ପୋଖରିଆ ସରପଞ୍ଚ ଆଶାମଣି ଦାସ, ତାପସ କୁମାର ଦାସ, ସ୍ଥାନୀୟ ମା'ସୁଭଦ୍ରା ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ, ଖେର୍ଣ୍ଣା ଈଶ୍ୱର ଚନ୍ଦ୍ର ସରକାରୀ ହାଇସ୍କୁଲର ପ୍ରଧାନ ଶିକ୍ଷକ ଏବଂ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ମନ୍ଦିରର ଗୁରୁଜୀ ରୀତା ମିଶ୍ର, ବିଭୂତିଭୂଷଣ ପାଇକରାୟ ଓ ପ୍ରଶାନ୍ତ କୁମାର ସାହୁ ତଥା ଝାରପୋଖରିଆ ଥାନାର ପ୍ରତିନିଧି ମୋନାଲିସା ବେହେରା ପ୍ରମୁଖ ଭାଗ ନେଇଥିଲେ। ରଥଟଣା ସମୟରେ ଓ ନବଦିନ ଯାତ୍ରା କାଳରେ ପାନୀୟ ଜଳଯୋଗାଣ, ସ୍ୱାସ୍ଥ୍ୟସେବା, ସ୍ୱଚ୍ଛତା, ଦିଅଁଗଣଙ୍କ ପହଣ୍ଡି, ଛେରାପହଁରା, ମାଉସୀ ମା' ମନ୍ଦିରରେ ଠାକୁରଙ୍କ ବେଶ, ସାଂସ୍କୃତିକ କାର୍ଯ୍ୟକ୍ରମ ଆଦି ଉପରେ ମୂଲ୍ୟବାନ ପରାମର୍ଶମାନ ଦେଇଥିଲେ। ସଦସ୍ୟ ସର୍ବଶ୍ରୀ ସୁରଥ କୁମାର ସାହୁ, ପ୍ରଦୀପ କୁମାର ପାଳିତ, ଅସିତ କୁମାର ସାହୁ, ଦୁର୍ଗା ପ୍ରସାଦ ନନ୍ଦୀ, ମନୋଜ କୁମାର ସାହୁ, ନିମାଇଁ ଦଣ୍ଡପାଟ, ପ୍ରତିଭା ସାହୁ, ଅତୁଲ ଚନ୍ଦ୍ର ଦାସ, ତପନ କୁମାର ସାହୁ (ତପ), ଶ୍ରୀକାନ୍ତ ସେଠୀ, ସୁଧୀର କୁମାର ସାହୁ, ନବକିଶୋର ସେଠୀ ଏବଂ ଜୟହରି ଘୋଷ ପ୍ରମୁଖ ବିଭିନ୍ନ ମତାମତ ରଖିଥିଲେ।

▶▶▶ ବରିଷ୍ଠ ନାଗରିକ ସଂଘର ବୃହତ୍ ଚାରା ରୋପଣ କାର୍ଯ୍ୟକ୍ରମ

# ବିଦ୍ୟାଳୟରେ 'ସ୍ମୃତିବନ' ସୃଷ୍ଟି କରିବାକୁ ପରାମର୍ଶ

**ବାରିପଦା, ୩।୭(ସମିସ)**



ବନ ମହୋତ୍ସବ ସପ୍ତାହ ପାଳନ ଅବସରରେ ମୟୂରଭଞ୍ଜ ବରିଷ୍ଠ ନାଗରିକ ମଞ୍ଚ ଆନୁକୂଲ୍ୟରେ ମେଗା ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶ୍ୟାମାଖୁଣ୍ଟା ବ୍ଲକ ଅନ୍ତର୍ଗତ ଶୋଳ ତଳସାହି ବିଦ୍ୟାଳୟ ପରିସରରେ ବରିଷ୍ଠ ନାଗରିକ ମଞ୍ଚ ଦ୍ୱାରା ଆମ୍ବ, ପିଜୁଳି, ଜାମୁ, ପଣସ ଚମ୍ପା, ଅଁଳା, ଦେବଦାରୁ, ଲିମ୍ବ, କରଞ୍ଜ ଆଦି ୬୦୦ ଚାରାରୋପଣ ହୋଇଛି। ଏଥିସହିତ ୧୦୦ ଗଛ ଚାରା ଗ୍ରାମବାସୀଙ୍କୁ ବଣ୍ଟନ କରାଯାଇଥିଲା। ଡ. ଶ୍ୟାମସୁନ୍ଦର ଦାସଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବାରିପଦା ବନଖଣ୍ଡ ଅଧିକାରୀ ଏ. ଉମା ମହେଶ ଓ ମୁଖ୍ୟବକ୍ତା ଭାବେ ବରିଷ୍ଠ ସାମ୍ବାଦିକ ଡ଼ ବିଜୟ କୁମାର ଅଗ୍ରୱାଲ ଯୋଗଦେଇ ଚାରା ରୋପଣ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ଏହି ଅବସରରେ ବିଦ୍ୟାଳୟ କମିଟିର ସଭାପତି ଫଗୁ କିସ୍କୁ, ସରପଞ୍ଚ ସାଲାଗି ହେମ୍ବ୍ରମ, ୱାର୍ଡ ମେମ୍ବର ମାଳତୀ ହେମ୍ବ୍ରମ, କ୍ଲଷ୍ଟର କୋଅର୍ଡିନେଟର ଗୀତିକା ବେହେରା, ପ୍ରଧାନ ଶିକ୍ଷୟତ୍ରୀ ସ୍ୱର୍ଣ୍ଣଲତା ପାତ୍ର, ମଇନା ହାଁସଦାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହିତ ଗୋପାଳପୁରରୁ ପ୍ରଥମ କ୍ଷେପଣାସ୍ତ୍ର ପରୀକ୍ଷାରେ ଜଡିତ ଥିବା କର୍ଣ୍ଣେଲ ଡ଼ ଡିକେ ଦାଶଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ଅତିଥିମାନେ ଉପସ୍ଥିତ ରହି ଛାତ୍ର ଓ ଗ୍ରାମବାସୀଙ୍କୁ ସବୁଜ ଶପଥ ପାଠ କରାଇ ମା' ପାଇଁ ଗଛଟିଏ ଲଗାଇବା ସହିତ ବିଦ୍ୟାଳୟରେ ସ୍ମୃତିବନ ସୃଷ୍ଟି କରିବାକୁ ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତା ଡ଼ ବିଜୟ କୁମାର ଅଗ୍ରୱାଲ ଚାରା ରୋପଣ ପରେ ଯତ୍ନ ନେବାକୁ ଶିକ୍ଷୟିତ୍ରୀ ଓ ଗ୍ରାମବାସୀଙ୍କୁ ପରାମର୍ଶ ଦେଇଥିଲେ। ଅତିରିକ୍ତ ବନ ସଂରକ୍ଷକ ରବୀନ୍ଦ୍ର ମହାନ୍ତି ଓ ରେଞ୍ଜର ଶ୍ରଦ୍ଧେୟ ମନ୍ତ୍ରୀ କାର୍ଯ୍ୟକ୍ରମରେ ସହାୟତା କରିଥିଲେ। କବୟିତ୍ରୀ ସୁଧାମୟୀ ଦାସ ଓ ପ୍ରଧାନଶିକ୍ଷୟିତ୍ରୀ ସ୍ୱର୍ଣ୍ଣଲତା ପାତ୍ର ପରିବେଶ ଓ ବୃକ୍ଷରୋପଣ ଉପରେ ସ୍ୱରଚିତ କବିତା ପାଠ କରିଥିଲେ। ଡ. ସୁଶାନ୍ତ କୁମାର ପାତ୍ର ଏବଂ ଶ୍ରୀ ପାଢ଼ୀ ବନ ମହୋତ୍ସବ ତାତ୍ପର୍ଯ୍ୟ ଓ ଶାଳ ପିଆଶାଳ ଚାରା ରୋପଣ ଉପରେ ଗୁରୁତ୍ୱ ଦେଇଥିଲେ। କୁମାର ରଞ୍ଜନ ପଣ୍ଡା ଧନ୍ୟବାଦ ପ୍ରଦାନ କରିଥିଲେ।

ଅନ୍ୟମାନଙ୍କ ମଧ୍ୟରେ ସଭ୍ୟ ହରିହର ଦାସ, ବାସାନ୍ତିଲତା ପାତ୍ର, ପ୍ରଫୁଲ୍ଲ ଦାଶ, ଡ଼ ଭଞ୍ଜକିଶୋର ମହାନ୍ତ, ଡ ତରୁଣ ଓଝା, ମେଜର୍ ରବୀନ୍ଦ୍ର ପରିଡ଼ା, ଶଶୀଭୁଷଣ ମିଶ୍ର, ଦୀନେଶ ଦାଶ, ଗଦାଧର ବେହେରା, ମୁରଲୀଧର ବେହେରା, ଶୁଭେନ୍ଦୁ ଦାଶ, ପ୍ରଭାମଞ୍ଜରୀ ଦାଶଶର୍ମା, ଅନନ୍ତକୃଷ୍ଣ ବେହେରା, ହେମନ୍ତ କୁମାର ଦାଶ, ରତ୍ନପ୍ରଭା ଦାସ, ଦେବାଶିଷ ଦାଶ, ପ୍ରଦୀପ କୁମାର ଦାସ, ରମାକାନ୍ତ ମହାନ୍ତି ପ୍ରମୁଖ ପରିଚାଳନା କରିଥିଲେ।



## ପୋଖରୀରେ ପଡ଼ି ଶିଶୁକନ୍ୟା ମୃତ

**ଆନନ୍ଦପୁର,୩।୭ (ସମିସ):** ସ୍ଥାନୀୟ ବରିପାଳ ପଞ୍ଚାୟତର ନାରଙ୍ଗପୁର ଗ୍ରାମର ପୋଖରୀରେ ପଡି ଜଣେ ୪ ବର୍ଷର ଶିଶୁ କନ୍ୟା ମୃତ୍ୟୁବରଣ କରିଥିବା ଜଣାପଡିଛି। ଉକ୍ତ ଗ୍ରାମର ବିଜୟ କୁମାର ଜେନାଙ୍କ ୮ ବର୍ଷର ପୁଅ ସହିତ ୪ ବର୍ଷର ଝିଅ ସୁଚରିତା ସାଙ୍ଗ ହୋଇ ପୋଖରୀ କୂଳରେ ଖେଳୁଥିବା ବେଳେ ଅସାବଧାନତା ଯୋଗୁ ଶିଶୁ କନ୍ୟା ପୋଖରୀକୁ ଖସି ପଡି ବୁଡିଯାଇଥିଲା। ଖବର ପାଇ ପରିବାର ଲୋକେ ଖୋଜାଖୋଜି କରି ଉଦ୍ଧାର କରିବା ପରେ ଆନନ୍ଦପୁର ଡାକ୍ତରଖାନାକୁ ଆଣିଥିଲେ। ତେବେ ସେଠାରେ ଡାକ୍ତର ମୃତ ଘୋଷଣା କରିବାରୁ ପରିବାର ଲୋକେ ଶୋକରେ ଭାଙ୍ଗି ପଡିଥିବା ଜଣାପଡିଛି। ଏନେଇ ଘସିପୁରା ପୁଲିସ ଘଟଣା ତଦନ୍ତ ଜାରି ରଖିଥିବା ଜଣାଯାଇଛି।

## ଯୁବକଙ୍କ ଆତ୍ମହତ୍ୟା, କାରଣ ଅସ୍ପଷ୍ଟ

**ଯୋଡା,୩।୭ (ସମିସ):** ଯୋଡା ସହରସ୍ଥିତ ଏଫ୍ଏମ କଲୋନୀରେ ବୁଧବାର ଜଣେ ଯୁବକ ଫାଶୀ ଲଗାଇ ଆତ୍ମହତ୍ୟା କରିଥିବା ଜଣାପଡିଛି। ମିଳିଥିବା ସୂଚନା ଅନୁଯାୟୀ, ଉକ୍ତ କଲୋନୀରେ ରହୁଥିବା ଅଚ୍ୟୁତ ପ୍ରଧାନ (୨୬) ରାତିରେ ନିଜରୁମ୍ ରେ ଫାଶୀ ଲଗାଇ ଆତ୍ମହତ୍ୟା କରିଥିବା ଖବର ସକାଳେ ପରିବାର ଲୋକେ ଜାଣି ପୁଲିସକୁ ଜଣାଇ ଥିଲେ। ପୁଲିସ ଘଟଣାସ୍ଥଳରେ ପହଞ୍ଚି ଶବ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇଛି। ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରି ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଥିବା ସୂଚନା ଦେଇଛି।

## ମାଟ୍ରିକ୍ ଟପ୍ପରଙ୍କୁ ସମ୍ବର୍ଦ୍ଧନା



**ଆନନ୍ଦପୁର,୩।୭ (ସମିସ):** ଆନନ୍ଦପୁର ପୌରପରିଷଦ ଅନ୍ତର୍ଗତ ଫକୀରପୁର ଉଚ୍ଚ ବିଦ୍ୟାଳୟ ୨୦୨୩-୨୪ ବର୍ଷର ମାଟ୍ରିକ ଟପରଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଏହି ଉପଲକ୍ଷେ ବିଦ୍ୟାଳୟ ପରିସରରେ ସମାଜସେବୀ ତ୍ରିଲୋଚନ ସାହୁଙ୍କ ଦ୍ୱାରା ଆୟୋଜିତ ସଭାରେ ଟପର ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରାଯିବା ସହିତ ଉପସ୍ଥିତ ବୁଦ୍ଧିଜୀବୀ ଓ ଶିକ୍ଷକଶିକ୍ଷୟିତ୍ରୀ ଛାତ୍ରଛାତ୍ରୀମାନଙ୍କୁ ମାନପତ୍ର ଓ ଉତ୍ତାରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରିବା ସହିତ ଆଶିଷ ପ୍ରଦାନ କରିଥିଲେ। ସୂଚନାଯୋଗ୍ୟ ୨୦୨୦ ମସିହାରୁ ବିଦ୍ୟାଳୟର ମାଟ୍ରିକ ଟପରମାନଙ୍କୁ ତ୍ରିଲୋଚନ ସାହୁଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଉଥିବା ବେଳେ ଚଳିତ ବର୍ଷ ବିଦ୍ୟାଳୟର ମାଟ୍ରିକ ଟପ୍ପର ତୃପ୍ତିମୟୀ ରାଉଳଙ୍କୁ ନଗଦ ୫ ହଜାର ଟଙ୍କା ସହ ମାନପତ୍ର ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ। ପାଠପଢି ଭଲ ମଣିଷ ହେବା ପାଇଁ ଛାତ୍ରଛାତ୍ରୀମାନଙ୍କୁ ପ୍ରେରଣା ଦେଇଥିବା ବେଳେ ଆଗକୁ ଏହି ସେବା ଜାରି ରହିବ ବୋଲି ଶ୍ରୀ ସାହୁ ପ୍ରକାଶ କରିଛନ୍ତି। ତାଙ୍କର ଏହି ମହନୀୟତା କାର୍ଯ୍ୟ ପାଇଁ ସାଧାରଣରେ ପ୍ରଶଂସା କରାଯାଇଥିବା ବେଳେ ବିଦ୍ୟାଳୟର ସମସ୍ତ ଶିକ୍ଷକ,ଶିକ୍ଷୟିତ୍ରୀ, କର୍ମଚାରୀ ଓ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ଶେଷରେ ସମାଜସେବୀ ପ୍ରସନ୍ନ ନାହାକ ଧନ୍ୟବାଦ ଅର୍ପଣ କରିଥିଲେ।

## ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ କୃଷକ ମୋର୍ଚ୍ଚା ସଭାପତି



**ଆନନ୍ଦପୁର,୩।୭ (ସମିସ):** ଓଡିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କୁ ଆଜି ବିଜେପି କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ମହେଶ୍ୱର ସାହୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିବା ସହ ଓଡ଼ିଶାର ଚାଷୀମାନଙ୍କୁ ଆସନ୍ତା ଖରିଫ ଧାନ କିଣା ସମୟ ଠାରୁ ଧାନ କୁଇଣ୍ଟାଲ ପ୍ରତି ୩୧ ଶହ ଟଙ୍କା ଦେବାର ଘୋଷଣା କରିଥିବାରୁ ବିଜେପି କୃଷକ ମୋର୍ଚ୍ଚା ପକ୍ଷରୁ କୃତଜ୍ଞତା ଜଣାଇଥିଲେ। ଓଡ଼ିଶାର କୃଷକମାନଙ୍କର ଆୟକୁ ଦୁଇ ଗୁଣା କରିବା ପାଇଁ ରାଜ୍ୟ ସରକାର କୃଷକ କଲ୍ୟାଣ ଯୋଜନା ଗୁଡିକ ଯୁଦ୍ଧକାଳୀନ ଭିତ୍ତିରେ କାର୍ଯ୍ୟକାରୀ କରିବା ପାଇଁ ବିଜେପି କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ଶ୍ରୀ ସାହୁ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଥିଲେ। ଏହାସହିତ ସମସ୍ତ ବ୍ଲକରେ ଶୀତଳଭଣ୍ଡାର ଓ ଚାଷ ଜମିକୁ ଜଳସେଚନ ସୁବିଧାକୁ ପ୍ରାଧାନ୍ୟ ଦେବା ପାଇଁ ମଧ୍ୟ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଥିଲେ। ଓଡିଶାରେ ଚାଷୀ ଓ ଚାଷର ଉନ୍ନତି ପାଇଁ ସରକାର ଅଗ୍ରାଧିକାର ଭିତ୍ତିରେ କାମ କରିବ ବୋଲି ମୁଖ୍ୟମନ୍ତ୍ରୀ ଆଲୋଚନା ବେଳେ କହିଥିଲେ। ବିଜେପି କୃଷକ ମୋର୍ଚ୍ଚା ରାଜ୍ୟ ଉପସଭାପତି ପୁଲିନ୍ ପ୍ରଧାନ, ରାଜ୍ୟ ସଂପାଦକ ପ୍ରଶାନ୍ତ କୁମାର ସ୍ୱାଇଁ, ରାଜ୍ୟ ସଂଯୋଜକ ସୁଦର୍ଶନ ବିଶ୍ୱାଳ, ତାପସ କୁମାର ଜେନା ପ୍ରମୁଖ ଉପସ୍ଥିତ ଥିଲେ।

### ଚାରିଆଡେ ଆନ୍ଦୋଳନ, ୭ ଖଣି ବନ୍ଦ

# 'ନିଯୁକ୍ତି ନାହିଁ ତ ଖଣି ଖୋଲା କାହାପାଇଁ'

ଯୋଡା,୩।୭ (ସମିସ)



ଖଣିଜ ସମ୍ପଦ ମାନବ ସମାଜ ପାଇଁ ପ୍ରକୃତିର ବରଦାନ। ଏହାକୁ ଥରେମାତ୍ର ବ୍ୟବହାର କରି ମାନବ ସମାଜ ସ୍ୱାବଲମ୍ବୀ ହୋଇ ପାରିବ। ଉଗ୍ର ଖଣି ଖନନ କରାଯାଇ କୋଟି କୋଟି ଟଙ୍କାର ଖଣିଜ ସମ୍ପଦ ଦେଶ ବାହାରକୁ ରପ୍ତାନୀ କରାଯାଇ ଖଣି ମାଲିକମାନେ କୋଟିପତି ପାଲଟୁଛନ୍ତି। ଏ ଅଞ୍ଚଳପାଇଁ ଖଣି ଜୀବିକା ଧାରଣର ମୁଖ୍ୟ ଆଧାର ହୋଇଥିଲେ ମଧ୍ୟ ଖଣିରେ ଆଦୌ ନିଯୁକ୍ତି ନଥିବାରୁ ସ୍ଥାନୀୟ ଲୋକେ ରାଜ୍ୟ ବାହାରକୁ ଦାଦନ ଖଟିବା ପାଇଁ ଯିବାକୁ ବାଧ ହେଉଛି। ଅନ୍ୟ ପକ୍ଷରେ ଉଗ୍ର ଖଣି ଖନନ ଯୋଗୁ ଧୂଳି, ଧୂଆଁ ପ୍ରଦୂଷଣରେ ଏ ଅଞ୍ଚଳ ପ୍ରଦୂଷିତ ହେବାରେ ଲାଗିଛି। ଖଣି ଅଞ୍ଚଳବାସୀ ମୋହନ ସରକାରଙ୍କ ନିକଟରେ ନିଜର ନାର୍ଯ୍ୟ ଅଧିକାର ପାଇବାକୁ ଆଶା କରନ୍ତି। ଖଣିରେ ନିଯୁକ୍ତି ନାହିଁ, ଖଣି ଖୋଲା ହେବ କାହାପାଇଁ ବୋଲି ଖଣି ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଫଳରେ ଦୀର୍ଘ ଦିନରୁ ଶୁପ୍ତ ରହି ସବୁ ସହି ଯାଉଥିବା ଜନତା ଏବେ ଜାଗ୍ରତ ହୋଇ ଆନ୍ଦୋଳନର ପନ୍ଥା ଅବଲମ୍ବନ କରିଛନ୍ତି। ଏବେ ଚାରିଆଡେ ଖାଲି ଆନ୍ଦୋଳନ, ଧର୍ମଘଟ, ଧାରଣା ଦେଖିବାକୁ ମିଳୁଛି। ଆଜିଠାରୁ ଓଡିଶା ଖଣି ନଗମର ଉଛବାଲି, ଜିଲିଙ୍ଗ ଲଙ୍ଗାଲୋଟା, ବାଂଶପାଣି, ଡିଗିଂ ପାହାଡ, ଖଣ୍ଡବନ୍ଧ ଖଣିରେ ଆନ୍ଦୋଳନ ଜାରୀ ହୋଇଛି। ଏହା ସହିତ ସିରାଜୁଦ୍ଦିନ, ଡିଆର ପଟ୍ଟନାୟକ ଖଣିରେ ମଧ୍ୟ ଏହି ଆନ୍ଦୋଳନ ଦେଖିବାକୁ ମିଳିଛି। ପୂର୍ବରୁ ନର୍ଭେରାମ, ମିତ୍ତଲ କାରଖାନାରେ ଆନ୍ଦୋଳନ ଜାରୀ ରହିଛି। ଆଗାମୀ ଦିନରେ ଏହା ଅନ୍ୟ ଖଣି ଗୁଡିକୁ ବ୍ୟାପିବାର ସୂଚନା ରହିଛି। ଦାବି ଗୁଡିକ ମଧ୍ୟରେ, ସ୍ଥାନୀୟ ବେକାର ଯୁବକ, ଯୁବତୀମାନଙ୍କୁ ସ୍ଥାୟୀ ନିଯୁକ୍ତି ପ୍ରଦାନ, ଲୁହାପଥର ପରିବହନରେ ଅଗ୍ରାଧିକାର, ଖଣି ପ୍ରଭାବିତ ଅଞ୍ଚଳରେ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ଓ ଅନ୍ୟାନ୍ୟ ଉନ୍ନତିମୂଳକ କାର୍ଯ୍ୟ କରିବା ସହ ସ୍ଥାନୀୟ ଠିକା ଶ୍ରମିକମାନଙ୍କୁ ସ୍ଥାୟୀ ନିଯୁକ୍ତି ପ୍ରଦାନ ଦାବି ରହିଛି। ଦାବି ପୂରଣ ନହେଲେ ଅନିର୍ଦ୍ଦିଷ୍ଟକାଳ ପର୍ଯ୍ୟନ୍ତ ଏହି ଆନ୍ଦୋଳନ ଜାରି ରହିବ ବୋଲି ଆନ୍ଦୋଳନକାରୀ ମାନେ ଚେତାବନୀ ଦେଇଛନ୍ତି। ବର୍ଷ ବର୍ଷ ଧରି ଏହି ଖଣି କମ୍ପାନୀ ଗୁଡିକ ବାହାରୁ ଲୋକ ଆଣି ଖଣି ଚଳାଇବା ସହିତ ସ୍ଥାନୀୟ ଲୋକଙ୍କୁ କେବଳ ଠକି ଆସିଛନ୍ତି। ଏବେ ଆନ୍ଦୋଳନର ନେତୃତ୍ୱ ସରପଞ୍ଚ, ସମିତି ସଭ୍ୟ, ସ୍ଥାନୀୟ ସଚେତନ ନାଗରିକ ନେଉଥିବା ଦେଖାଯାଇଛି।

### ଆନନ୍ଦପୁର ଛତୁଆ ପ୍ରସ୍ତୁତି ନିମ୍ନମାନର

## ପରୀକ୍ଷା ପାଇଁ ସଂଗୃହୀତ ନମୁନାରେ ଚଞ୍ଚକତା

**ଆନନ୍ଦପୁର,୩।୭ (ସମିସ) :** ଆନନ୍ଦପୁର ଉପଖଣ୍ଡର ବିଭିନ୍ନ ଅଙ୍ଗନବାଡି କେନ୍ଦ୍ରଗୁଡିକୁ ଯୋଗାଇ ଦେବା ପାଇଁ ପ୍ରସ୍ତୁତି ହେଉଥିବା ଛତୁଆ ନିମ୍ନମାନର ବୋଲି ସାଧାରଣରେ ଅଭିଯୋଗ ହୋଇଛି। ଅପରପକ୍ଷରେ ଅଙ୍ଗନବାଡି କେନ୍ଦ୍ରଗୁଡିକୁ ଯୋଗାଇ ଦିଆଯାଉଥିବା ଏହି ଛତୁଆ କେନ୍ଦ୍ରରୁ ସଂଗ୍ରହ ହୋଇ ନମୁନା ପରୀକ୍ଷା ପାଇଁ ଯିବାକୁ ନିର୍ଦ୍ଦେଶ ଥିବା ବେଳେ ଏଥିରେ ବ୍ୟତିକ୍ରମ ପରିଲକ୍ଷିତ ହୋଇଛି। ନମୁନା ପରୀକ୍ଷା ପାଇଁ ଯାଉଥିବା ଛତୁଆକୁ ଅତ୍ୟନ୍ତ ସ୍ୱାଦିଷ୍ଟ ଓ ରୁଚିକର କରାଯାଇ ପଠାଯାଉଥିବା ବେଳେ କେନ୍ଦ୍ର ଗୁଡିକୁ ଯୋଗାଇ ଦିଆଯାଉଥିବା ଛତୁଆ ସମ୍ପୂର୍ଣ୍ଣ ଭିନ୍ନ ଓ ନିମ୍ନମାନର ବୋଲି ଜଣାଯାଇଛି। ଏହି ଛତୁଆ ପ୍ରସ୍ତୁତି ପାଇଁ ଦିଆଯାଇଥିବା ଏଜେନ୍ସି ମାନଙ୍କ ପ୍ରସ୍ତୁତି କେନ୍ଦ୍ର ନିୟମିତ ପରିଦର୍ଶନ କରାଯାଉନଥିବାରୁ ପ୍ରସ୍ତୁତିକାରୀ ସଂସ୍ଥା ନିଜ ମନମାନିରେ ଛତୁଆ ପ୍ରସ୍ତୁତ କରୁଛନ୍ତି। ଯେଉଁ ଯେଉଁ ପୃଷ୍ଟିକର ଉପାଦାନରେ ଛତୁଆ ପ୍ରସ୍ତୁତି ହେବାକୁ ବିଭାଗୀୟ ନିର୍ଦ୍ଦେଶ ଦିଆଯାଇଥିବା ବେଳେ ମୂଲ୍ୟବାନ ପୃଷ୍ଟିକର ଉପାଦାନ ଛତୁଆରେ ଦିଆଯାଉନଥିବା ଅଭିଯୋଗ ହୋଇଛି। ଉପଯୁକ୍ତ ତଦାରଖ ଅଭାବରୁ ପ୍ରସ୍ତୁତିକାରୀ ସଂସ୍ଥା ସରକାରୀ ମାର୍ଗଦର୍ଶିକା ମାନୁନଥିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିବା ଜଣାଯାଇଛି। ତେବେ କେନ୍ଦ୍ରଗୁଡିକରୁ ଛତୁଆ ନମୁନା ସଂଗ୍ରହ ହେବା ପରିବର୍ତ୍ତେର୍ ପ୍ରସ୍ତୁତିକାରୀ ସଂସ୍ଥାମାନେ ନମୁନା ସଂଗ୍ରହ ପାଇଁ ସ୍ୱତନ୍ତ୍ର ଛତୁଆ ପ୍ରସ୍ତୁତ କରୁଥିବା ଓ ଏହି ଦାୟିତ୍ୱରେ ଥିବା ଶିଶୁ ବିକାଶ ବିଭାଗର ଅଧିକାରୀମାନେ ଏହାକୁ ସୁପାରିଶ କରୁଥିବା ଚିନ୍ତାର କାରଣ ହୋଇଛି। ତେବେ ଅଙ୍ଗନବାଡି କେନ୍ଦ୍ର ଗୁଡିକରେ କୋମଳମତି ଶିଶୁମାନଙ୍କ ପାଇଁ ରାଜ୍ୟ ସରକାର ଯୋଗାଇ ଦେଉଥିବା ଏହି ପୃଷ୍ଟିକର ଛତୁଆ ପ୍ରସ୍ତୁତିରେ ହେଉଥିବା ଚଞ୍ଚକତା ଓ ଜାଲିଆତିର ତଦନ୍ତ କରାଯିବାକୁ କେନ୍ଦୁଝର ଜିଲ୍ଲାପାଳ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବା ପାଇଁ ବିଜେପି ନେତା ସନ୍ତୋଷ ଜେନା ଦାବି ଜଣାଇଛନ୍ତି।



### ବଢୁଛି ଗୋଠଛଡ଼ା ଦନ୍ତାହାତୀର ଉପଦ୍ରବ

## ନାକେଦମ ହେଲାଣି ବନ ବିଭାଗ

**ଚମ୍ପୁଆ,୩।୮ (ସମିସ):** ଚମ୍ପୁଆ ରେଞ୍ଜ ଅନ୍ତର୍ଗତ ଚମ୍ପୁଆ ସେକ୍ସନରେ ଦିନକୁ ଦିନ ଗୋଠଛଡ଼ା ଦନ୍ତା ହାତୀର ଉପଦ୍ରବ ବଢିବାରେ ଲାଗିଛି। ଏହି ଦନ୍ତା ହାତୀ ଦ୍ୱାରା ବ୍ୟାପକ ଫସଲ ହାନି ଓ ଘର ଭାଙ୍ଗିବା ଏକ ନିତି ଦିନିଆ ଘଟଣା ଭାବେ ପରିଣତ ହେଲାଣି। ଗତ ମଙ୍ଗଳବାର ଦିନ ଏହି ଦନ୍ତା ହାତୀ ସରେଇ ଜଙ୍ଗଲରେ ରହିଥିବା ବେଳେ ଆଜି ରଜିଆ ଅଞ୍ଚଳ ଦେଇ ସୁନାପୋଶିର କାହ୍ନୁ ସାହିରେ ପ୍ରବେଶ କରିବା ସହିତ ସୁମିତ୍ରା ମହାନ୍ତଙ୍କ ଘର ପାଚେରୀକୁ ଠେଲି ଦେଇ ଭାଙ୍ଗି ଦେଇଥିବା ଜଣାଯାଇଛି। ଏହି ହାତୀ ଉପରେ ବନ ବିଭାଗ ଅଧିକାରୀ କେ.ନାଗାରାଜୁଙ୍କ ନେତୃତ୍ୱରେ ବନପାଳ ଓ ବନରକ୍ଷୀ ସମେତ ହାତୀ ସ୍କ୍ୱାର୍ଡର ଏକ ଦଳ ନଜର ରଖିଛନ୍ତି। ମାତ୍ର ଗୋଠଛଡ଼ା ହେତୁ ହାତୀଟିର ଗତିବିଧି ସଠିକ ରହୁନଥିବାରୁ ବନ କର୍ମଚାରୀଙ୍କ ପାଇଁ ଏହା ଚିନ୍ତାର କାରଣ ସାଜିଛି। ଏହି ଦନ୍ତା ହାତୀଟି ଦିନ ବେଳା ଯେକୌଣସି ପ୍ରକାରେଜଙ୍ଗଲ ଭିତରେ ଲୁଚି ରହୁଥିବା ବେଳେ ସନ୍ଧ୍ୟା ହେଲେ ଜଙ୍ଗଲ ମଧ୍ୟରୁ ବାହାରି ଉପଦ୍ରବ କରିଚାଲିଛି। ଏହି ହାତୀ ଉପରେ ବନ ବିଭାଗ ପକ୍ଷରୁ ତୀକ୍ଷଣ ନଜର ରଖାଯାଇଛି।



## କେନ୍ଦ୍ରୀୟ ଜଙ୍ଗଲ ପରିବେଶ ମନ୍ତ୍ରଣାଳୟର ଡିଆଇଜିଏଫ୍ଙ୍କ ଆନନ୍ଦପୁର ବ୍ୟାରେଜ୍ ପରିଦର୍ଶନ



**ଆନନ୍ଦପୁର,୩।୭ (ସମିସ):** କେନ୍ଦ୍ର ସରକାରଙ୍କ ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ମନ୍ତ୍ରାଳୟ ବିଭାଗର ଡିଆଇଜିଏଫ ଡ଼ ପଦ୍ମା ମହାନ୍ତି ଆଜି ଆନନ୍ଦପୁର ଗସ୍ତରେ ଆସି ଆନନ୍ଦପୁର ସମନ୍ୱିତ ବ୍ୟାରେଜ ପ୍ରକଳ୍ପ ପରିଦର୍ଶନ କରିଛନ୍ତି। ଆନନ୍ଦପୁରରେ ପହଞ୍ଚିବା ପରେ ଡିଆଇଜିଏଫ ଡ଼ ମହାନ୍ତିଙ୍କୁ ଡିଏଫଓ ଅଭୟ ଦଳେଇ ଏବଂ ଆନନ୍ଦପୁର ବ୍ୟାରେଜ ଡିଭିଜନ ର ମୁଖ୍ୟ ନିର୍ମାଣ ଯନ୍ତ୍ରୀ ଙ୍କ ଅବିନାଶ ରାଉଳ ଶାଳପଡା ଠାରେ ସ୍ୱାଗତ କରିଥିଲେ। ଡ଼ ମହାନ୍ତି ଆନନ୍ଦପୁର ସମନ୍ୱିତ ବ୍ୟାରେଜ ପ୍ରକଳ୍ପ ପରିଦର୍ଶନ କରି କେତେ ପରିମାଣର ଜଙ୍ଗଲ ଜମିରେ ବ୍ୟାରେଜ ପାଣି ରହୁଛି ତାହାର ସମୀକ୍ଷା କରିଥିଲେ। ବୈତରଣୀ ବାମ ପାର୍ଶ୍ୱ କେନାଲ ଢେଙ୍କା, ବିଦ୍ୟାଧରପୁର ଆଦି ବିଭିନ୍ନ କ୍ଷେତ୍ର ପରିଦର୍ଶନ କରିଥିଲେ।ଏହାପରେ ଡ଼ ମହାନ୍ତି ସୋର ଅଭିମୁଖେ ଯାଇଥିଲେ । ପରିଦର୍ଶନ ସମୟରେ ଡିଏଫଓ ଅଭୟ କୁମାର ଦଳେଇ, ବ୍ୟାରେଜ ଡିଭିଜନ ମୁଖ୍ୟ ନିର୍ମାଣ ଯନ୍ତ୍ରୀ ଅବିନାଶ ରାଉଳ , ଅଧୀକ୍ଷଣ ଯନ୍ତ୍ର. ନିର୍ବାହୀ ଯନ୍ତ୍ରୀ, ଓଡିଶା ନିର୍ମାଣ ନିଗମର ବରିଷ୍ଠ ପରିଚାଳକ, କନିଷ୍ଠ ଯନ୍ତ୍ରୀ ଓ ଜଙ୍ଗଲ ବିଭାଗ, ବୈତରଣୀ ଡିଭିଜନ ଏବଂ ବ୍ୟାରେଜ ଡିଭିଜନର କର୍ମଚାରୀମାନେ ଉପସ୍ଥିତ ଥିଲେ।

### ତଦାରଖ ଅଭାବରୁ ନିର୍ମାଣ କାର୍ଯ୍ୟ ନିମ୍ନମାନର

## ହଦଗଡ଼ ଡ୍ୟାମ୍ ସୁରକ୍ଷା ଅନୁଦାନର ଦୁରୁପଯୋଗ

**ଆନନ୍ଦପୁର,୩।୭ (ସମିସ):** ଜଳସମ୍ପଦ ବିଭାଗ ପକ୍ଷରୁ ହଦଗଡ ଡ୍ୟାମର ସୁରକ୍ଷା ପାଇଁ ଏହାର ଚତୁଃପାଶ୍ୱର୍ରେ ଚାଲିଥିବା ଆବଶକୀୟ ନିର୍ମାଣକାର୍ଯ୍ୟ ଅତ୍ୟନ୍ତ ନିମ୍ନମାନର ହେଉଥିବା ଅଭିଯୋଗ ହୋଇଛି। ଉପଯୁକ୍ତ ତଦାରଖ ଅଭାବରୁ ନିର୍ମାଣକାରୀ ଠିକାସଂସ୍ଥା ମନମାନିରେ ଏହି ନିର୍ମାଣକାର୍ଯ୍ୟ କରୁଥିବା ବେଳେ କାର୍ଯ୍ୟକ୍ଷେତ୍ରରେ ଦାୟିତ୍ୱରେ ଥିବା ଯନ୍ତ୍ରୀଙ୍କ ଅନୁପସ୍ଥିତ ଠିକାସଂସ୍ଥାକୁ ବେଶ୍ ସୁହାଇଛି ବୋଲି ଅଭିଯୋଗ ହୋଇଛି। କେନ୍ଦୁଝର ଜିଲ୍ଲାର ହଦଗଡଠାରେ ଥିବା ଓଡିଶାର ଅନ୍ୟତମ ବୃହତ୍ତମ ଜଳସେଚନ ଯୋଜନା କେନ୍ଦୁଝର ଓ ଭଦ୍ରକ ଜିଲ୍ଲାର ଚାଷଜମିକୁ ଜଳସେଚିତ କରୁଥିବା ବେଳେ ହଦଗଡ ଡ୍ୟାମ ଏକ ସୁନ୍ଦର ଦର୍ଶନୀୟସ୍ଥାନ ଭାବେ ବେଶ୍ ପରିଚିତ ଲାଭ କରିଛି। ହଦଗଡ ଡ୍ୟାମରୁ ହେଉଥିବା ଜଳ ନିଷ୍କାସନ ଚାଷୀମାନଙ୍କ ପାଇଁ ବେଶ୍ ସହାୟକ ହେଉଥିବା ବେଳେ ଏହି ଡ୍ୟାମର ସୁରକ୍ଷା ପାଇଁ ଚତୁଃପାଶ୍ୱର୍ରେ ଆବଶ୍ୟକୀୟ ନିର୍ମାଣ କାର୍ଯ୍ୟ ପାଇଁ ରାଜ୍ୟ ସରକାର ପ୍ରାୟ ଦୁଇ କୋଟି ଟଙ୍କାର ଆର୍ଥିକ ଅନୁଦାନ ଯୋଗାଇ ଦେଇଥିଲେ। ବିଭାଗୀୟ ତଦାରଖ ପରେ ଏହି ସବୁ କାର୍ଯ୍ୟର ଆକଳନ କରାଯାଇ ଜନୈକ ଠିକାସଂସ୍ଥାକୁ କାର୍ଯ୍ୟାଦେଶ ଦିଆଯାଇଥିଲା। ଡ୍ୟାମ ସାଇଡ୍ର ଜିରୋ ପଏଣ୍ଟଠାରୁ ଏହାର ଚତୁଃପାଶ୍ୱର୍ରେ ଡ୍ରେନ୍ ନିର୍ମାଣ, ସଂଯୋଗୀକରଣ ରାସ୍ତା ଓ ଉଦ୍ୟାନ କାର୍ଯ୍ୟ ଆରମ୍ଭ ହୋଇଥିଲେ ମଧ୍ୟ ଦାୟିତ୍ୱରେ ଥିବା ଯନ୍ତ୍ରୀଙ୍କ ଅନୁପସ୍ଥିତି ଯୋଗୁ ଏହି ନିର୍ମାଣ କାର୍ଯ୍ୟ ଠିକାସଂସ୍ଥାର ମନମାନିରେ ଚାଲିଥିବା ଅଭିଯୋଗ ହୋଇଛି। ଏଣୁ ଜଳସମ୍ପଦ ବିଭାଗ ଉଚ୍ଚକର୍ତ୍ତୃପକ୍ଷ ଏଦିଗରେ ଆବଶକୀୟ ପଦକ୍ଷେପ ଗ୍ରହଣ କରିବା ପାଇଁ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି।



### ଆନନ୍ଦପୁରର ବଡ଼ଦାଣ୍ଡ ହୋଇଛି ସଙ୍କୁଚିତ

# ରଥ ଗଡ଼ିବାରେ ବାଧକ ସାଜିବ ଜବତ ଗାଡ଼ି

ଆନନ୍ଦପୁର,୩।୭ (ସମିସ)



ଆସନ୍ତା ଜୁଲାଇ ୭ ତାରିଖରେ ହେବାକୁ ଥିବା ଚଳିତ ବର୍ଷର ବିଶ୍ୱପ୍ରସିଦ୍ଧ ରଥଯାତ୍ରା ପାଇଁ ଆଉ ମାତ୍ର ତିନି ଦିନ ବାକିଥିବା ବେଳେ ଆନନ୍ଦପୁର ବଡଦାଣ୍ଡର ଉଭୟ ପାର୍ଶ୍ୱ ସଙ୍କୁଚିତ ହୋଇପଡିଛି। ବଡଦାଣ୍ଡର ଥାନା ଛକଠାରେ ପୁଲିସ ପକ୍ଷରୁ ଜବତ ହୋଇଥିବା ଚୋରା ବାଲି ଗାଡି, ଗୋରୁଗାଡି, କାଠ ଗାଡି ଠିଆ ହୋଇ ରହିଥିବାରୁ ଏହା ବଡଦାଣ୍ଡର ଅଧା ଅଞ୍ଚଳକୁ ମାଡିବସିଛି। ପୁଲିସ ଜବତ କରିଥିବା ଏହି ଗାଡି ଗୁଡିକର ମାମଲା ବିଚାରାଧୀନ ଥିବାରୁ ରିଲିଜ ଅର୍ଡର ମିଳୁନଥିବାରୁ ଆଜକୁ ପ୍ରାୟ ୪ ମାସ ଧରି ଏହି ଗାଡି ଗୁଡିକ ଠିଆ ହୋଇ ରହିଥିବା ଜଣାଯାଇଛି। ତେବେ ରଥଯାତ୍ରା ପୂର୍ବରୁ ଠିଆ ହୋଇ ରହିଥିବା ଏହି ଗାଡିଗୁଡିକୁ ସ୍ଥାନାନ୍ତର ନକଲେ ରଥଟଣା ଯିବା ସମୟରେ ଏହା ବାଧକ ସାଜିବ ବୋଲି ଆଶଙ୍କ ଦେଖା ଦେଇଛି। ଅପରପକ୍ଷରେ ବଡଦାଣ୍ଡରେ ଅନେକ ଅଚଳ ଯାନବାହାନ ଦୀର୍ଘ ଦିନ ଧରି ଠିଆ ହୋଇ ରହିଥିବା ବେଳେ ବାଲି, ଚିପ୍ସ ଓ ଲୁହାରଡ୍ ଅନେକ ସ୍ଥାନରେ ପଡି ଜବରଦଖଲ ହୋଇଥିବା ପରିଲକ୍ଷିତ ହୋଇଛି। ଆନନ୍ଦପୁର ପ୍ରଶାସନ ପକ୍ଷରୁ ଯଥାଶୀଘ୍ର ବଡଦାଣ୍ଡକୁ ମୁକ୍ତ କରିବା ପାଇଁ ବିଭିନ୍ନ ମହଲରେ ଦାବି ହୋଇଛି। ଶ୍ରୀ ଦଧିବାମନଜିଉଙ୍କ ରଥଯାତ୍ରା ପାଖେଇ ଆସୁଥିଲେ ମଧ୍ୟ ଏଯାଏଁ ଦେବତ୍ତର ବିଭାଗ ପକ୍ଷରୁ ଚୂଡାନ୍ତ ପ୍ରସ୍ତୁତି ବୈଠକ ହୋଇପାରିନାହିଁ। ଏଣୁ ଆନନ୍ଦପୁର ଉପଖଣ୍ଡ ପ୍ରଶାସନ ପକ୍ଷରୁ ଯଥାଶୀଘ୍ର ରଥଯାତ୍ରା ପାଇଁ ଆବଶକୀୟ ପ୍ରସ୍ତୁତି କରିବାକୁ ବିଭିନ୍ନ ମହଲରେ ଦାବି ହୋଇଛି।

## ତେଲକୋଇ ବନାଞ୍ଚଳରେ ବନ ମହୋତ୍ସବ ପାଳିତ

**ତେଲକୋଇ,୩।୭ (ସମିସ):** କେନ୍ଦୁଝର ବନଖଣ୍ଡ ଅଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ତେଲକୋଇ ବନାଞ୍ଚଳ ଅଧୀନ ଶିବନାରାୟଣପୁର ଗୋଡା ପଞ୍ଚାୟତର ମୁଖ୍ୟାଳୟ ଠାରେ ଥିବା ରାଧାକୃଷ୍ଣ ଉଚ୍ଚ ବିଦ୍ୟାଳୟର ଇକୋ କ୍ଲବ ମିଳିତ ଆନୁକୂଲ୍ୟରେ ବନ ମହୋତ୍ସବ ପାଳିତ ହୋଇଯାଇଛି। ବିଦ୍ୟାଳୟ ପରିସରରେ ଭଣ୍ଡା, ସଜନା, ଲେମ୍ବୁ, ପିଆଶାଳ, ପିଜୁଳି ଆଦି ଚାରା ରୋପଣ କରାଯାଇଛି। ସେହିପରି ଛାତ୍ରଛାତ୍ରୀଙ୍କ ମଧ୍ୟରେ ବନ ସୁରକ୍ଷା ଓ ପରିବେଶ ସୁରକ୍ଷା ପାଇଁ ସଚେତନତା ସୃଷ୍ଟି କରାଯାଇଥିଲା। ଉକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ କ୍ଷୀରମଣୀ ନାୟକ ଯୋଗ ଦେଇ ପରିବେଶ ସୁରକ୍ଷା ଦିଗରେ ଅଧିକ ଯତ୍ନବାନ ହେବା ପାଇଁ ଗ୍ରାମବାସୀ ତଥା ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ଏହି ଉତ୍ସବରେ ତାଳପଦା ଫରେଷ୍ଟର ପୁଷ୍ପାଞ୍ଜଳି ଦାସ , ବନରକ୍ଷୀ ଯୋଗେଶ୍ୱର ମାଝୀ, ଆମ ଜଙ୍ଗଲ ଯୋଜନାର ସଂଯୋଜକ ସୌମ୍ୟ ରଂଜନ ଜେନା, ଘନଶ୍ୟାମ ମହାନ୍ତ, ରାହାସ ବିହାରୀ ମହାନ୍ତ ସମେତ ସମସ୍ତ ଶିକ୍ଷକ, ଗ୍ରାମବାସୀ, ଛାତ୍ରଛାତ୍ରୀ ସହଯୋଗ କରିଥିଲେ।



ସକାଳ
THE SAKALA



# ବିଦ୍ୟୁତ୍ ତାର ଚାଲାଣ ବେଳେ କବାଡ଼ିଆ ଗିରଫ

ବେତନଟୀ, ୩।୭ (ସମିସ): ବେତନଟୀ ଥାନା ଅଧୀନ କୃଷ୍ଣଚନ୍ଦ୍ରପୁର ନର୍ସରୀ ପଛପାର୍ଶ୍ୱରୁ ୩୩ କେଭି ଟାୱାର ଲାଇନରୁ ୭କିମି ଲମ୍ବର ବିଦ୍ୟୁତ ତାର, କଣ୍ଡକ୍ଟର ଚୋରି ଘଟଣାରେ ଜଣେ କବାଡିବାଲାକୁ ପୁଲିସ ଗିରଫ କରିବା ସହିତ ତା ନିକଟରୁ ଚୋରି ସାମଗ୍ରୀ ଜବତ କରିଛି। ଗିରଫ ଅଭିଯୁକ୍ତ କବାଡିବାଲା ଜଣକ ହେଉଛି ବାଲେଶ୍ୱର ଜିଲ୍ଲା ସିଂଲାଥାନା ଅଧୀନ କାଦରାୟାଁ ଗ୍ରାମର ଶେଖ କାଲ୍ଲୁର ପୁଅ ଶେଖ ବୁଧୁ(୫୧)। ଏସଡିଓ ଇଂ. ଶୁଭଦୀପ୍ତ ମିଶ୍ରଙ୍କ ଅଭିଯୋଗ ମୁତାବକ କୃଷ୍ଣଚନ୍ଦ୍ରପୁର ନର୍ସରୀ ପଛପାର୍ଶ୍ୱରୁ ୩୩କେଭି ବିଦ୍ୟୁତ ସରବରାହରୁ ୧୫ଟି ସ୍ପାନରୁ ଆଲୁମିନିୟମ ତାର, କଣ୍ଡକ୍ଟର ସମେତ ଲକ୍ଷାଧିକ ଟଙ୍କାର ସାମଗ୍ରୀ ଚୋରି ହୋଇଯାଇଥିଲା। ଏନେଇ ଶ୍ରୀ ମିଶ ଏତଲା ଦାଏର କରିଥିଲେ। ମାମଲା ରୁଜୁକରି କୃଷ୍ଣଚନ୍ଦ୍ରପୁର ଫାଣ୍ଡିଅଧିକାରୀ ଏଏସଆଇ ସୂତାର କୁମାର ମହାନ୍ତ ତଦନ୍ତ ଚଳାଇଥିବା ବେଳେ ଏହି ଚୋରି ସାମଗ୍ରୀ କିଣିନେଇ ପଳାଉଥିବା ସମୟରେ ବାଇକ ଏବଂ ଚୋରି ସାମଗ୍ରୀ ସମେତ ଅଭିଯୁକ୍ତକୁ ସୋମବାର କାବୁ କରିନେଇଥିଲେ। ପରେ ତା ନିକଟରୁ କିଛି କଟପିସ୍ ତାର, ବାର କଣ୍ଡକ୍ଟର, ଜିଆଇ ଷ୍ଟେ-ତାର କଟପିସ୍, ଡିସ୍କ ଇନ୍ସ୍ୟୁଲେଟର ସମେତ ଅନ୍ୟାନ୍ୟ ଚୋରି ସାମଗ୍ରୀ ଜବତ କରିଥିଲେ। ଅଭିଯୁକ୍ତକୁ ଜାମିନ ନ ମିଳିବାରୁ ବାରିପଦାସ୍ଥିତ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

# ଦୁଇ ବାଇକ୍ ଧକ୍କା; ଜଣେ ଗୁରୁତର

ରାଇରଙ୍ଗପୁର, ୩।୭ (ସମିସ): ପାସନା ଗାଁ ନିକଟରେ ଦୁଇ ବାଇକ ମଧ୍ୟରେ ଧକ୍କା ହେବା ଫଳରେ ଜଣେ ଗୁରୁତର ହୋଇଥିବା ଖବର ମିଳିଛି। ରାମଚନ୍ଦ୍ର ହେମ୍ବ୍ରମ ଗୁରୁତର ହୋଇଥିବାବେଳେ ସ୍ଥାନୀୟ ଲୋକେ ତାଙ୍କୁ ରାଇରଙ୍ଗପୁର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେ ଏବେ ଡାକ୍ତରଖାନାରେ ଚକିତ୍ସିତ ହେଉଛନ୍ତି।

**ସିବିଆଇ ଜବତ କରିଥିବା ସି-ସୋର ଚିଟ୍‌ଫଣ୍ଡ କମ୍ପାନୀର ଜମିକୁ ବିକ୍ରି ଉଦ୍ୟମ**

# ଧରାପଡ଼ିଲା ଚକବନ୍ଦୀର ତଞ୍ଚକତା

ବେତନଟୀ, ୩।୭ (ସମିସ): ବେତନଟୀ ଉପକଣ୍ଠ ସଠିଲୋ ପଞ୍ଚାୟତର ଗରୁଡବସା ମୌଜାରେ ଥିବା ସି-ସୋର ଚିଟଫଣ୍ଡ କମ୍ପାନୀର କ୍ରାଇମବ୍ରାଞ୍ଚ ଦ୍ୱାରା ହୋଇଥିବା ଜବତ ସମ୍ପତ୍ତିକୁ ତଞ୍ଚକତା କରି ବିକ୍ରି ଉଦ୍ୟମ ଚାଲିଥିବା ବେଳେ କିଛି ଲୋକ ଏ ନେଇ ତହସିଲଦାର ଓ ଉପନିବନ୍ଧକ ଅଧିକାରୀଙ୍କୁ ମଙ୍ଗଳବାର ଲିଖିତଭାବେ ଜଣାଇଛନ୍ତି। ସୂଚନା ମୁତାକ ଗରୁଡବସା ମୌଜାରେ ଥିବା ୨ ଏକର ୧୨ ଡେସିମିଲ ୫ ଶହ ୧୦ ବର୍ଗକଡି ଜମିକୁ ୨୦୧୧-୧୨ରେ ସି-ସୋର ଏଜୁକେସନାଲ ଚାରିଟେବୁଲ ଟ୍ରଷ୍ଟ ନାମରେ ମାର୍ଫତଦାର ତଥା ସି-ସୋର ଚିଟଫଣ୍ଡ କମ୍ପାନୀର ସିଏମଡି ସହୀଦନଗର ଅଞ୍ଚଳର ଉମେଶଚନ୍ଦ୍ର ଦାଶଙ୍କ ପୁଅ ପ୍ରଶାନ୍ତ କୁମାର ଦାଶ ଦାଖଲ ଖାରଜ ମାଧ୍ୟମରେ ସେତେବେଳେ ଫୁଟି ମହାନ୍ତଙ୍କ ନିକଟରୁ କ୍ରୟ କରିଥିଲେ। ତେବେ ପରେ ରାଜ୍ୟର ସମସ୍ତ ଚିଟଫଣ୍ଡ କମ୍ପାନୀର ଜମିକୁ କ୍ରାଇମବ୍ରାଞ୍ଚ ଜବତ କରିନେଇଥିଲା। ଏବେ ମାମଲା ଅଦାଲତରେ ବିଚାରାଧୀନ ରହିଛି। ପୁଣି ଓଡ଼ିଶା ସରକାରଙ୍କ ନିର୍ଦ୍ଦେଶ ମୁତାବକ ସି-ସୋର ଚିଟଫଣ୍ଡ କମ୍ପାନୀର ଏହି ବିବାଦୀୟ ସ୍ଥାବର ସମ୍ପତ୍ତିର ଦାଖଲ ଖାରଜକୁ ମଧ୍ୟ ରଦ୍ଦ କରାଯାଇଛି। ଏ ନେଇ ୨୦୧୫-୧୬ରେ କ୍ରାଇମବ୍ରାଞ୍ଚ ପକ୍ଷରୁ ଦୁଇଜଣ ସାକ୍ଷୀଙ୍କ ଉପସ୍ଥିତିରେ ଉକ୍ତ ଜବତ ସମ୍ପତ୍ତି ଉପରେ ନାଲିପତାକା ପୋତାଯାଇ ଦଖଲକୁ ନିଆଯାଇଥିଲା। ସି-

**ତହସିଲଦାର ଓ ଉପନିବନ୍ଧକ ଅଧିକାରୀଙ୍କୁ ଅଭିଯୋଗ ପରେ ଫିଟୁଛି ଗୁମର**

ସୋର କମ୍ପାନୀର ଏହି ଜମି ବର୍ତ୍ତମାନ ସରକାରଙ୍କ ଦଖଲରେ ରହିଛି। ତେବେ ପରବର୍ତ୍ତୀ ସମୟରେ ସି-ସୋର କମ୍ପାନୀକୁ ଜମି ବିକ୍ରି କରିଥିବା ଫୁଟି ମହାନ୍ତଙ୍କ ମୃତ୍ୟୁ ଘଟିଥିଲା। ପରେ ସରକାରଙ୍କ ନିର୍ଦ୍ଦେଶ ମତେ ବିବାଦୀୟ ଜମିର କିଣାବିକାକୁ ରଦ୍ଦ କରାଯାଇଥିବାରୁ ଚକବନ୍ଦୀରେ ଏହାର ରେକର୍ଡ ସି-ସୋର କମ୍ପାନୀ ବଦଳରେ ମୂଳ ବିକ୍ରେତାଙ୍କ ନାମରେ ରହିଯାଇଥିଲା। ଆଉ ଏହାର ଫାଇଦା ଉଠାଇ ମୂଳବିକ୍ରେତା ସ୍ୱର୍ଗତ ଫୁଟି ମହାନ୍ତଙ୍କ ଉତ୍ତରାଧିକାରୀମାନେ ଜବତ ଜମିକୁ ତଞ୍ଚକତାକରି ପୁଣି ବିକ୍ରି ଉଦ୍ୟମ କରିଛନ୍ତି। ସ୍ୱର୍ଗତ ଫୁଟି ମହାନ୍ତଙ୍କ ଏକାଧିକ ଉତ୍ତରାଧିକାରୀ ଗରୁଡବସା ମୌଜାର ହାଲ୍ ଖାତାନମ୍ବର ୧୧୪ ଏବଂ ହାଲ୍ ପ୍ଲଟ ନମ୍ବର ୫୧୮ର ୨ ଏକର ୧୨ ଡେସିମିଲ ୫ଶହ ୧୦ ବର୍ଗକଡି ଜମିକୁ ବିକ୍ରିକରିଥିବା ନେଇ ସ୍ଥାନୀୟ ଲୋକେ ମଙ୍ଗଳବାର ତହସିଲଦାର ଏବଂ ଉପନିବନ୍ଧକ ଅଧିକାରୀଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ଘଟଣାର ସରଜମିନ ତଦନ୍ତ ସହିତ ହାଲ୍ ଓ ସାବକେର ରେକର୍ଡଭୁକ୍ତ ଖାତା ନମ୍ବର ଓ ପ୍ଲଟ ନମ୍ବରକୁ ମେଳକରି ଏହି ବେଆଇନ ଦଲିଲକୁ ଖାରଜ କରିବାକୁ ଅଭିଯୋଗରେ ଦର୍ଶାଇଛନ୍ତି। ଏନେଇ ଉପନିବନ୍ଧକ ଅଧିକାରୀଙ୍କ ଦାୟିତ୍ୱରେ ଥିବା ଅତିରିକ୍ତ ତସିଲଦାର ପ୍ରଦୀପ କୁମାର ଦାସଙ୍କୁ ଯୋଗାଯୋଗ କରିବାରୁ ଚକବନ୍ଦୀରେ ହାଲ୍ ରେକର୍ଡ ଅନୁଯାୟୀ ମୂଳ ବିକ୍ରେତାଙ୍କ ନାମ ରହିଥିବାରୁ ତାଙ୍କ ଉତ୍ତରାଧିକାରୀମାନେ ଏହି ଜମି ବିକ୍ରି କରିଛନ୍ତି। ତେବେ ଅଧିକ ଯାଞ୍ଚ କରାଯିବା ପରେ ଏହା ସି-ସୋର କମ୍ପାନୀର ବିବାଦୀୟ ଜବତ ସମ୍ପତ୍ତି ବୋଲି ଜଣାପଡ଼ିଛି। ଏ ନେଇ ଅଧିକ ତଦନ୍ତ ଜାରି ରହିଥିବା ସେ କହିଛନ୍ତି।

# ବରିଷ୍ଠ ନାଗରିକଙ୍କୁ ପରିଚୟପତ୍ର ପ୍ରଦାନ



ବେତନଟୀ, ୩।୭ (ସମିସ): ବେତନଟୀ ପୁଲିସ ପକ୍ଷରୁ ବରିଷ୍ଠ ନାଗରିକ ସଂଘର ସଦସ୍ୟଙ୍କୁ ମଙ୍ଗଳବାର ପରିଚୟପତ୍ର ବଣ୍ଟନ କରାଯାଇଛି। ସଂଘର ସମ୍ପାଦକ ଜୟନ୍ତ କୁମାର ପଟ୍ଟନାୟକଙ୍କ ସଂଯୋଜନାରେ ଥାନା ପରିସରରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଆଇଆଇସି ସସ୍ମିତା ମହାନ୍ତ ସଂଘର ସଦସ୍ୟଙ୍କୁ ପରିଚୟପତ୍ର ବଣ୍ଟନ କରିଥିଲେ। ସମାଜସେବୀ ପ୍ରକାଶ କୁମାର ବେହେରାଙ୍କ ସମେତ ଥାନା କର୍ମଚାରୀ ପରିଚାଳନା କରିଥିଲେ। ଏହି ଅବସରରେ ସଂଘ ପକ୍ଷରୁ ଶ୍ରୀକାନ୍ତ ଜେନା, ବିରଞ୍ଚିନାରାୟଣ ପଣ୍ଡା, ଗିରିଧାରୀ ସାହୁ, ଆନନ୍ଦ ପଣ୍ଡା, ଗିରୀଶଚନ୍ଦ୍ର ପରିଡ଼ା, ସୁରେଶଚନ୍ଦ୍ର ବେହେରା, ବସନ୍ତ ମହାନ୍ତ, ନଟବର ପାତ୍ର, ଅବସରପ୍ରାପ୍ତ ପ୍ରାଧାପକ ଶ୍ରୀବତ୍ସ ସାମଲ, ରବୀନ୍ଦ୍ର ବେହେରା, ବାଇଧର ଧଳ, ହରିଶ୍ଚନ୍ଦ୍ର ଦାସ, ରତ୍ନାକର ବେହେରା, ସନ୍ତୋଷ କୁଅଁର, ରାମଚନ୍ଦ୍ର ମହାନ୍ତ ପ୍ରମୁଖଙ୍କୁ ପରିଚୟପତ୍ର ପ୍ରଦାନ କରାଯାଇଥିଲା।

# ଦାନ୍ତିଆମୁହାଁ ସଡ଼କ ଦୁର୍ଘଟଣାରେ ମୃତ୍ୟୁସଂଖ୍ୟା ୨କୁ ବୃଦ୍ଧି

ବେତନଟୀ, ୩।୭ (ସମିସ): ଦାନ୍ତିଆମୁହାଁ ଛକରେ ସୋମବାର ଘଟିଥିବା ଏକ ସଡକ ଦୁର୍ଘଟଣାରେ ମୃତ୍ୟୁସଂଖ୍ୟା ଦୁଇକୁ ବୃଦ୍ଧି ପାଇଛି। ରାସଗୋବିନ୍ଦପୁର ଥାନା ଅଧୀନ ମାଣିକପୁର ଗ୍ରାମର ପୁରୁଷତ୍ତୋମ ରାୟଙ୍କ ପୁଅ କନ୍ଧା ଓରଫ କାମଦେବଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିବାବେଳେ ଆହତ ହୋଇ ଚିକିତ୍ସାଧୀନ ଅବସ୍ଥାରେ ମାଣିକପୁର ଗ୍ରାମର ସୁରେନ୍ଦ୍ର ରାୟଙ୍କ ପୁଅ ବାସୁଦେବ ରାୟ (୩୨)ଙ୍କ ମଧ୍ୟ ମୃତ୍ୟୁ ଘଟିଛି। ଏନେଇ ମାମଲାର ତଦନ୍ତକାରୀ ଅଧିକାରୀ ବଡଜାମଦଣି ଫାଣ୍ଡି ଅଧିକାରୀ ଏଏସଆଇ ଅଶେଷ କୁମାର ଦାସ ମଙ୍ଗଳବାର କାମଦେବଙ୍କ ଶବ ବ୍ୟବଚ୍ଛେଦ କରାଇଛନ୍ତି। ଦୁର୍ଘଟଣାରେ ଗୁରୁତର ଥିବା ଲକ୍ଷ୍ମୀଧର ଚିକିତ୍ସାଧୀନ ରହିଛନ୍ତି।

# ବିଭିନ୍ନ ସ୍ଥାନରେ ବନ ମହୋତ୍ସବ ପାଳିତ

**କଣ୍ଡାପାଳ ହାଇସ୍କୁଲ**



ବାରିପଦା, ୩।୭ (ସମିସ): ଶାମାଖୁଣ୍ଟା ବ୍ଲକ ଅନ୍ତର୍ଗତ କଣ୍ଡାପାଳ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ବନମହୋତ୍ସବ ବିଦ୍ୟାଳୟର ୟୁଥ୍ ଆଣ୍ଡ ଇକୋ କ୍ଲବ୍ ତରଫରୁ ପାଳିତ ହୋଇଯାଇଛି। ଏହି ଅବସରରେ ଛାତ୍ରଛାତ୍ରୀ ବିଦ୍ୟାଳୟ ପରିସରରେ ଚାରା ରୋପଣ ଓ ସଫେଇ କାର୍ଯ୍ୟ କରିଥିଲେ। ଛାତ୍ରଛାତ୍ରୀଙ୍କ ମଧ୍ୟରେ ବନମହୋତ୍ସବ ସମ୍ପର୍କିତ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅମିତାଭ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଆଲୋଚନାଚକ୍ରରେ ବୃକ୍ଷର ଉପାଦେୟତା ବିଶେଷକରି ସାମ୍ପ୍ରତିକ ସମୟରେ ବନମହୋତ୍ସବ ପାଳନର ଯଥାର୍ଥତା ସମ୍ପର୍କରେ ଆଲୋଚନା କରାଯାଇଥିଲା। 'ମାଆ ପାଇଁ ଗଛଟିଏ'ର ଗୁରୁତ୍ୱ ଉପଲବ୍ଧି କରି ସମସ୍ତେ ଚାରା ରୋପଣର ଶପଥ ନେଇଥିଲେ। ବରିଷ୍ଠ ଶିକ୍ଷକ ଆଶିଷ ରଞ୍ଜନ ବାସୁରି ଶିକ୍ଷକ ପ୍ରତାପ ଚନ୍ଦ୍ର ଧଡ଼ା, ମହେଶ ସେଠୀ ଓ ଶିକ୍ଷୟିତ୍ରୀ ସୁମିତ୍ରା ତରେଇ ତଥା ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

**ବେଗୁନିଆଡିହା ପ୍ରାଥମିକ ବିଦ୍ୟାଳୟ**



ଉଦଳା : ଉଦଳା ବ୍ଲକ କଇଁସାରୀ କ୍ଲଷ୍ଟର ଅନ୍ତର୍ଗତ ସରକାରୀ ପ୍ରାଥମିକ ବିଦ୍ୟାଳୟ ବେଗୁନିଆଡିହାଠାରେ ବନ ମହୋତ୍ସବ ପାଳିତ ହୋଇଯାଇଛି। ଏଥିରେ ଉଦଳା ବନ ବିଭାଗ ଅଫିସର ସହକାରୀ ବନାଞ୍ଚଳ ଅଧିକାରୀ ମହାବୀର ସିଂ ମୁର୍ମୁ, ଫରେଷ୍ଟର ଅଙ୍କୁର ମହାଲିକ, ବନରକ୍ଷୀ ଅଞ୍ଜନ କୁମାର ଲେଙ୍କା ଓ ସୌମ୍ୟା ସୁଚରିତା ମହାପାତ୍ର, ଅବସରପ୍ରାପ୍ତ ଶିକ୍ଷକ କୁଳମଣି ବେହେରା, ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରିଣୀ ମିନତୀ ମଞ୍ଜରୀ ପଣ୍ଡା, ସି.ଆର.ସି. ସି. ଶାନ୍ତନୁ ଦାଶ, ପ୍ରଧାନ ଶିକ୍ଷୟିତ୍ରୀ ମଞ୍ଜୁଲତା ପ୍ରଧାନ, ସହକାରୀ ଶିକ୍ଷକ ସର୍ବେଶ୍ୱର ମହାପାତ୍ର, ବାସନ୍ତୀ ହାଁସଦା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଆୟୋଜିତ ବୈଠକରେ ସହକାରୀ ବିନାଞ୍ଚଳ ଅଧିକାରୀ ମାଆ ପାଇଁ ଗଛଟିଏ ସମ୍ପର୍କରେ ପିଲାଙ୍କୁ ମରାମର୍ଶ ଦେଇଥିଲେ। ଗଛ ଲଗାଇବା ସହିତ ଯତ୍ନ ନେବାକୁ ମଧ୍ୟ ସେ କହିଥିଲେ। ସହକାରୀ ଶିକ୍ଷକ ସର୍ବେଶ୍ୱର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

**କରଞ୍ଜିଆ ବନାଞ୍ଚଳ**



କରଞ୍ଜିଆ : କରଞ୍ଜିଆ ବନାଞ୍ଚଳର ସରୁବାଲି ଜଙ୍ଗଲରେ ବନ ମହୋତ୍ସବ ସପ୍ତାହ ପାଳିତ ହୋଇଯାଇଛି। ଏହି ଅବସରରେ ପ୍ରାୟ ଏକ ହଜାର ଚାରା ରୋପଣ କରାଯାଇଥିଲା। ଏଥିରେ କରଞ୍ଜିଆ ଡି.ଏଫ.ଓ. ସୁବ୍ରତ କୁମାର ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ବୃକ୍ଷ ରୋପଣ ଶୁଭାରମ୍ଭ କରିଥିଲେ। କରଞ୍ଜିଆ ରେଞ୍ଜ ଅଧିକାରୀ ପ୍ରଶାନ୍ତ କୁମାର ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ହରିଶଚନ୍ଦ୍ର ବେହେରା, ରଶ୍ମିତା ବାରିକ, ପ୍ରମିଳା ମହାନ୍ତ, ରଶମତଳା ସରପଞ୍ଚ ତନୁଲତା ମାଡାମ, ସାମ୍ବାଦ ସାହିତ୍ୟ ଘରର ଆବାହକ ଉମାଶଙ୍କର ଦାସ ପରିଚାଳନା କରିଥିଲେ। ସରୁବାଳ ଗ୍ରାମର ଜାଗୃତି, ମୁକ୍ତେଶ୍ୱର ମହିଳା ସଂଘର ଇଏନଏସ ପ୍ରିୟଙ୍କା, ଭାନୁମତି ମହାନ୍ତ, କୌଶଲ୍ୟା ମହାନ୍ତ, ସୁସ୍ମିତା ମହାନ୍ତ, କମଳା ମହାନ୍ତ ଲଳିତା ମହାନ୍ତ, ପ୍ରମୁଖ ସ୍ୱେଚ୍ଛାସେବୀ ସହଯୋଗ କରିଥିଲେ। ଏହି ଅବସରରେ ବିଭିନ୍ନ ଚାରା ରୋପଣ କରାଯାଇଥିଲା।

**କେସି ହାଇସ୍କୁଲ**

ବୈଶିଙ୍ଗା: ହେମପୁର କୈଳାସ ଚନ୍ଦ୍ର ସରକାରୀ ଉଚ୍ଚ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ସମରଜିତ ମହାପାତ୍ରଙ୍କ ନେତୃତ୍ୱ ବନମହୋତ୍ସବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିଶ୍ୱ ଜଳବାୟୁର ଦ୍ରୁତପରିବର୍ତ୍ତନ ବିଭିନ୍ନ କାରଣ ଓ ତା'ର ସମାଧାନ ଦିଗରେ ବୃକ୍ଷ ରୋପଣର ଭୂମିକା ସମ୍ପର୍କରେ ଆଲୋଚନା ହୋଇଥିଲା। ସପ୍ତାହେବ୍ୟାପୀ ଚାଲିବାକୁ ଥିବା ବନମହୋତ୍ସବ ଅବସରରେ ବିଦ୍ୟାଳୟ ପରିସର, ପାର୍ଶ୍ୱବର୍ତ୍ତୀ ଅଞ୍ଚଳ ଓ ପିଲାମାନଙ୍କ ଘରେ ବ୍ୟାପକ ବୃକ୍ଷ ରୋପଣ ସାଙ୍ଗକୁ ସଚେତନତା ରାଲି, ଆଲୋଚନାଚକ୍ର ଓ ବିଭିନ୍ନ ପ୍ରତିଯୋଗିତା ଆୟୋଜନ ପାଇଁ ଯୋଜନା ପ୍ରସ୍ତୁତ କରାଯାଇଥିଲା। ପ୍ରଥମ ଦିବସରେ ବିଦ୍ୟାଳୟ ପରିଚାଳନା କମିଟିର ବରିଷ୍ଠ ସଦସ୍ୟ ଶିକ୍ଷାବିତ ସଞ୍ଜୟ ମିଶ୍ର, ସରପଞ୍ଚ ରଘୁନାଥ ସିଂ, ସଭ୍ୟ ବିଶିକେଶନ ଧଳ, ବୃନ୍ଦାବନ ସିଂହ, ଆଶା କର୍ମୀ ସତ୍ୟବତୀ ଧଳ, ଅଙ୍ଗନବାଡି କର୍ମୀ ସୁମତି ସାମଲ ପ୍ରମୁଖ ସାମିଲ ହୋଇଥିଲେ।



# ଶିକ୍ଷକଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା




ବେତନଟୀ/ବୈଶିଙ୍ଗା, ୩।୭ (ସମିସ): ନଡପୁର ପଞ୍ଚାୟତ ଅଧୀନ ଶିଳପୁରିଆ ପ୍ରାଥମିକ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ କମଳାକାନ୍ତ ବେହେରା ଜୁନ୍ ୩୦ ତାରିଖରେ ଚାକିରିରୁ ଅବସର ଗ୍ରହଣ କରିଛନ୍ତି। ସେଥିନିମନ୍ତେ ବିଦ୍ୟାଳୟ ପରିଚାଳନା ସମିତି ଚେୟାରପର୍ସନ ରାଜେନ୍ଦ୍ର କୁମାର ପରିଡ଼ାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବିଦାୟକାଳୀନ ସଭା ଅନୁଷ୍ଠିତ ହୋଇଥିଲା। ସଭାରେ ସମ୍ମାନିତ ଅତିଥିଭାବେ ବେତନଟୀ ବ୍ଲକର ପୂର୍ବତନ ଗୋଷ୍ଠୀ ସମ୍ବଳ ସଂଯୋଜକ ହରିଶ ଚନ୍ଦ୍ର ନନ୍ଦ ଗୋସ୍ୱାମୀ, ନିମ୍ନ ମାଧ୍ୟମିକଶିକ୍ଷକ ନେତା ସଚ୍ଚିଦାନନ୍ଦ ମହାନ୍ତି, ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ସଭାପତି ଜୟଚନ୍ଦ୍ର ଦାସ, ଅବସରପ୍ରାପ୍ତ ଶିକ୍ଷକ ଜୟନ୍ତ କୁମାର ପରିଡ଼ା ପ୍ରମୁଖ ବିଦାୟୀ ଶିକ୍ଷକଙ୍କର କର୍ମମୟ ଜୀବନ ଓ ବିଦ୍ୟାଳୟରେ ତାଙ୍କ ଭୂମିକା ସମ୍ବନ୍ଧରେ ଆଲୋକପାତ କରିଥିଲେ। ବିଦାୟୀ ଶିକ୍ଷକଙ୍କ ସହ ଏକଦା କାର୍ଯ୍ୟରତ ଶିକ୍ଷକ, ଜୟନ୍ତ କୁମାର ମହାନ୍ତ, ଜିତାରାଣୀ ବେହେରା ପାର୍ଶ୍ୱସ୍ଥ ଖୁଣ୍ଟା ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ହରିଶ ଚନ୍ଦ୍ର ବେହେରା ଏବଂ ଗ୍ରାମବାସୀଙ୍କ ତରଫରୁ ପୀତାବାସ ବାରିକଙ୍କ ସହ ଛାତ୍ରଛାତ୍ରୀଗଣ କମଳାକାନ୍ତ ସାର୍‌ଙ୍କ ସମ୍ପର୍କରେ ବ୍ୟକ୍ତବ୍ୟ ରଖିଥିଲେ। ଶେଷରେ ତାଙ୍କୁ ପୁଷ୍ପଗୁଚ୍ଛ, ମାନପତ୍ର ଓ ଉପଢୌକନ ଆଦି ପ୍ରଦାନ କରାଯାଇଥିଲା। ସଂଯୋଜକ ବଂଶୀଧର ଓଝା ଧନ୍ୟବାଦ ଦେଇଥିଲେ।

# ଓଡ଼ିଶା ଡ୍ରାଇଭର ମହାସଂଘ ପକ୍ଷରୁ ଚାରା ରୋପଣ

ବାରିପଦା, ୩।୭ (ସମିସ): ବନ ମହୋତ୍ସବ ସପ୍ତାହ ପାଳନ ଅବସରରେ ଓଡ଼ିଶା ଡ୍ରାଇଭର ମହାସଂଘ ପକ୍ଷରୁ ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଡ୍ରାଇଭର ମହାସଂଘ ବାରିପଦା ବ୍ଲକ ପକ୍ଷରୁ ସଭାପତି ବିନୋଦ ଲୋହାରଙ୍କ ନେତୃତ୍ୱରେ ରୋପଣ କାର୍ଯ୍ୟକ୍ରମ ବାରିପଦା ସହରରେ ଅନୁଷ୍ଠିତ ହୋଇଛି। ଭଞ୍ଜସେନା ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନା ଏବଂ ବନ ବିଭାଗ କର୍ମଚାରୀ ଉପସ୍ଥିତିରେ ୫୦୦ରୁ ଊର୍ଦ୍ଧ୍ୱ ବିଭିନ୍ନ ଚାରା ରୋପଣ କରାଯାଇଛି। ବୃକ୍ଷ ଲଗାନ୍ତୁ ଜୀବନ ବଞ୍ଚାନ୍ତୁ ନାରା ଦେଇ ଜନସାଧାରଣଙ୍କୁ ଗଛ ନ କାଟିବାକୁ ବାର୍ତ୍ତା ଦେଇଛନ୍ତି। ପ୍ରତ୍ୟେକ ଲୋକ ଦୁଇଟି ଲେଖାଏଁ ଗଛ ଲଗାଇବାକୁ ସମସ୍ତ ଡ୍ରାଇଭର ମହାସଂଘ ପକ୍ଷରୁ ଅନୁରୋଧ କରାଯାଇଛି। ମହାସଂଘର ପାଲବଣି ସ୍ଥିତ କାର୍ଯ୍ୟାଳୟ ସମ୍ମୁଖରେ ୧୮ ନମ୍ବର ଜାତୀୟ ରାଜପଥ କଡ଼ରେ ଚାରାରୋପଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବାରିପଦା ବ୍ଲକ ଉପ ସଭାପତି ବିଦ୍ୟାଧର ମଣ୍ଡଳ, ବ୍ଲକ ସମ୍ପାଦକ ପାର୍ଥସାରଥୀ ମହାନ୍ତ, ସନ୍ତୋଷ ଭକ୍ତା, କମଲଲୋଚନ ବେହେରା, ମନୋଜ ବେହେରା, ଅଭିଜିତ ଦଣ୍ଡପାଟ, କାଳିଶଙ୍କର ଗିରି, ମୋଟୁ ବିନ୍ଧାଣୀ ପ୍ରମୁଖ ଉପସ୍ଥିତ ଥିଲେ।

# ବିଜେପି ପକ୍ଷରୁ ସାଧାରଣ ସମାବେଶ

କୁଆମରା, ୩।୭ (ସମିସ): ଭାରତୀୟ ଜନତା ପାର୍ଟି ପକ୍ଷରୁ ଗୋପବନ୍ଧୁ ନଗର ବ୍ଲକ ଜୟପୁର କଲ୍ୟାଣ ମଣ୍ଡପରେ ଗତକାଲି ମଣ୍ଡଳ ସଭାପତି ଶାନ୍ତନୁ କୁମାର ମଡୁଆଲଙ୍କ ତତ୍ତ୍ୱାବଧାନରେ ଏକ ସାଧାରଣ ସମାବେଶ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଉଦଳା ବିଧାୟକ ଭାସ୍କର ଚନ୍ଦ୍ର ମଢେଇଙ୍କୁ ଦଳ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ନୂତନ ସରକାର ଗଠନ ପରେ ସମାବେଶରେ ଯୋଗ ଦେଇଥିବା ବିଧାୟକ ଶ୍ରୀ ମଢେଇ ଦୁର୍ନୀତିକୁ ପ୍ରଶ୍ରୟ ଦିଆଯିବ ନାହିଁ ବୋଲି ଅଭିଭାଷଣ ରଖିବା ସହ ପୁଣି ତାଙ୍କୁ ନିର୍ବାଚିତ କରିଥିବାରୁ ଜନସାଧାରଣଙ୍କୁ ଧନ୍ୟବାଦ ଦେଇଥିଲେ। ସମାବେଶରେ ଉପସଭାପତି ମମତା ସାହୁ, ସଂଯୋଜକ ବିଭୂତି ମହାନ୍ତ, କମଳ ଧଳ, ପ୍ରଭାତୀ ପରିଡ଼ା, ଗିରିଜା ଶଙ୍କର ବେହେରା, ସାଇଁକୁଳା ପଞ୍ଚାୟତ ସରପଞ୍ଚ ରବୀନ୍ଦ୍ର ସିଂ, ସମିତି ସଭ୍ୟା ବନସ୍ମିତା ସିଂ ପ୍ରମୁଖ ଉପସ୍ଥିତ ଥିଲେ।

# କଲଭର୍ଟରେ ଗାତ; ଯାତାୟାତ ବାଧାପ୍ରାପ୍ତ



ବୈଶିଙ୍ଗା, ୩।୭ (ସମିସ): ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା-ରୂପସା ରାସ୍ତାର ଏକ ପୋଲ ମଝିରେ ବିରାଟ ଗର୍ତ୍ତ ହୋଇଥିବାରୁ ଯାତାୟାତରେ ବାଧାପ୍ରାପ୍ତ ହେଉଛି। ବର୍ତ୍ତମାନ ଠାକୁରମୁଣ୍ଡା-ରୂପସା ଏମ୍‌ଡିଆର-୭୦ ରାସ୍ତାର ସମ୍ପ୍ରସାରଣ କାମ ଚାଲିଛି। ଏହି ରାସ୍ତା ପାଇଁ ୨୨ କୋଟି ୫୯ ଲକ୍ଷ ୭୦ ହଜାର ୧୪୪ ଟଙ୍କା ସରକାରୀ ଅନୁଦାନ ଆସିଛି। ରାସ୍ତା କାମ ନିମ୍ନମାନର କରାଯାଉଥିବା ନେଇ କିଛି ମାସ ତଳେ ଅଭିଯୋଗ ଉଠିଥିଲା। ହେଲେ ସେତେବେଳେ ପ୍ରଶାସନ କିଛି ଶୁଣି ନ ଥିଲା। ରାସ୍ତାରେ ଗଛ ଥିବାରୁ ଅନେକ ସମୟରେ ହେଉଛି ଦୁର୍ଘଟଣା। ଏହି ଦୁର୍ଘଟଣା ସମୟରେ ଅନେକ ଥର ଚାଳକଙ୍କ ଭୁଲ୍ ଥିବା ବେଳେ ଆଉ କେତେ ବେଳେ ରାସ୍ତାର ସ୍ଥିତିକୁ ନେଇ ବି ଦୁର୍ଘଟଣା ଘଟିବା ନଜିର ରହିଛି। ବର୍ତ୍ତମାନ ବୈଶିଙ୍ଗା-ମାଣତ୍ରୀ ରାସ୍ତାରେ ବି ସ୍ଥିତି ସାଂଘାତିକ। ସେମିତି ଏକ ଚିତ୍ର ଦେଖିବାକୁ ମିଳିଛି ବୈଶିଙ୍ଗା ମାଣତ୍ରୀ ରାସ୍ତାରେ ଥିବା ପୋଲ ଉପରେ। ଯେଉଁଠି ରାସ୍ତା ମଝିରେ ଦେଖିବାକୁ ମିଳିଛି ବିରାଟ ବଡ ଗାତ। ଫଳରେ ପ୍ରଶାସନର ବେପରୁଆ ମନୋଭାବ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

# ସ୍ତ୍ରୀଙ୍କୁ ମାନସିକ ନିର୍ଯାତନା ଅଭିଯୋଗ

କୁଆମରା, ୩।୭ (ସମିସ): ଜଣେ ମହିଳାଙ୍କୁ ନିଜ ସ୍ୱାମୀ ମାନସିକ ନିର୍ଯାତନା ଦେଉଥିବା ନେଇ ଅଭିଯୋଗ ହୋଇଛି। ଖୁଣ୍ଟା ଥାନା ଅନ୍ତର୍ଗତ କୁରାଡିହି ଗ୍ରାମର ସତ୍ୟବତୀ ସିଂଙ୍କ ସହିତ ସୁନାରାମ ସିଂଙ୍କ ୧୦ ବର୍ଷ ତଳେ ବିବାହ ହୋଇଥିଲା। ବିବାହର କିଛି ବର୍ଷ ଉଭୟଙ୍କ ସଂସାର ଠିକ୍ ଚାଲିଥିବା ବେଳେ ପାଖାପାଖି ଦୁଇ ବର୍ଷ ହେବ ସୁନାରାମ ଘରେ ସ୍ତ୍ରୀଙ୍କୁ ଛାଡି ଦେଇ କେରଳ କାମକରିବାକୁ ପଳାଇଥିଲେ। ବର୍ଷେ ପରେ ସେ ଫେରି ଆସିବେ କହି ଆଉ ଆସି ନ ଥିଲେ। ତେବେ ସତ୍ୟବତୀ ଘରେ ଦୁଇ ପିଲାଙ୍କୁ ନେଇ ଭୋକ ଉପାସରେ ପଡ଼ି ରହିଥିବା ବେଳେ ଫୋନ ଯୋଗେ ସ୍ୱାମୀଙ୍କୁ ବହୁବାର ଟଙ୍କା ମାଗିବାରୁ ସେ ବିଭିନ୍ନ ଗାଳିଗୁଲଜ କରିଥିବା ଅଭିଯୋଗ କରିଛନ୍ତି। ଅଭିଯୋଗ ପାଇ ପୁଲିସ ଏକ ମାମଲା ରୁଜୁକରି ତଦନ୍ତ ଚଳାଇଛି।

# ବ୍ରାହ୍ମଣ ମହାସଂଘ ପକ୍ଷରୁ ଜରୁରୀ ବୈଠକ

ରାଇରଙ୍ଗପୁର, ୩।୭ (ସମିସ): ପୁରନେଶ୍ୱର ମନ୍ଦିର ପରିସରରେ ଓଡ଼ିଶା ବ୍ରାହ୍ମଣ ମହାସଂଘ, ରାଇରଙ୍ଗପୁର ଶାଖା ପକ୍ଷରୁ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ସଂଘର ସଭାପତି ସୁଶାନ୍ତ ଶର୍ମା ଅଧ୍ୟକ୍ଷତା କରିଥିଲେ। ମହାପ୍ରଭୁଙ୍କ ରଥଯାତ୍ରା ଉତ୍ସବରେ ଭକ୍ତଙ୍କ ସୁବିଧା ପାଇଁ ବିଭିନ୍ନ ଦିଗରେ ଆଲୋଚନା କରିଥିଲେ। ଏହା ବ୍ୟତୀତ ରଥଟଣା ସମୟରେ ଭିନ୍ନ ଭିନ୍ନ ସ୍ଥାନରେ ଭକ୍ତମାନଙ୍କ ପାଇଁ ସର୍ବତ ବଣ୍ଟନ କରାଯିବ ବୋଲି ନିଷ୍ପତ୍ତି ହୋଇଛି। କାର୍ଯ୍ୟକ୍ରମରେ ଗଣେଶ ମିଶ୍ର, ତରୁଣ ନନ୍ଦ, ଈଶ୍ୱର ପ୍ରହରାଜ, ଜୟକୃଷ୍ଣ ଦାସ, ଦୁଃଖୁ ପ୍ରହରାଜ, ଜନ ରଞ୍ଜନ ଦାଶ, ରବି ଓତା, ଚିକୁ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ରାହୁଲ ଗାନ୍ଧୀଙ୍କ କୁଶପୁତ୍ତଳିକା ଦାହ

ରାଇରଙ୍ଗପୁର, ୩।୭ (ସମିସ): ସଂସଦରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବିରୋଧରେ ହିନ୍ଦୁ ବିରୋଧୀ ମନ୍ତବ୍ୟ ଦେଇଥିବାରୁ ଗତକାଲି ସଂସଦରେ ପ୍ରବଳ ହଟ୍ଟଗୋଳ ଦେଖାଯାଇଥିଲା। ଏହା ହିନ୍ଦୁ ସମାଜ ପ୍ରତି ବିରୋଧଭାଷା ମନେହୁଏ। ଏ ନେଇ ମଙ୍ଗଳବାର ସନ୍ଧ୍ୟା ସମୟ ରାଇରଙ୍ଗପୁର ଦୁର୍ଗାମଣ୍ଡପ ଛକରେ ଭାରତୀୟ ଜନତା ଯୁବମୋର୍ଚ୍ଚା ତରଫରୁ ରାହୁଲ ଗାନ୍ଧୀଙ୍କ କୁଶ ପୁତ୍ତଳିକା ଦାହ କରାଯାଇଥିଲା। ଏଥିରେ ବିଜେପି ଯୁବମୋର୍ଚ୍ଚା ସଭାପତି ଜିତେନ୍ଦ୍ର ବାରିକ (ଲାଲା), ରାଇରଙ୍ଗପୁର ବିଜେପି ଟାଉନ ସଭାପତି ସୁରଥ ପଟ୍ଟନାୟକ, ଉପସଭାପତି ଲଳିତ ରାମ, ପରମାନନ୍ଦ ବେହେରା, କାଳିଆ ମହାନ୍ତି, କୁଲୁ ବେହେରା, ରାନୁ ପଦାର, ଶଶାଙ୍କ ବେହେରା, ରଣଜିତ ବେହେରା, ଚିଣ୍ଟୁ ରଣା ଓ ସିଧୁ ବାରିକ ପ୍ରମୁଖ ଉପସ୍ଥିତ ଥିଲେ।

# ୬ରୁ ବାଦାମପାହାଡ଼ରୁ ପୁରୀକୁ ସ୍ପେଶାଲ ଟ୍ରେନ୍

ରାଇରଙ୍ଗପୁର, ୩।୭ (ସମିସ): ଚଳିତ ବର୍ଷ ମହାପ୍ରଭୁଙ୍କ ପୁରୀ ରଥଯାତ୍ରା ପାଇଁ ବାଦାମପାହାଡ଼ରୁ ପୁରୀ ସ୍ପେଶାଲ ଟ୍ରେନ ଆସନ୍ତା ୬ ତାରିଖରୁ ଚଳାଚଳ ଆରମ୍ଭ କରିବ। ପୂର୍ବରୁ ଚକ୍ରଧରପୁର ରେଳ ମଣ୍ଡଳ ପକ୍ଷରୁ ୨ ଜୁଲାଇଠାରୁ ଚାଲିବ ବୋଲି ସୂଚନା ଜାରି କରାଯାଇଥିଲା; କିନ୍ତୁ ଖଡଗପୁର ରେଳ ମାର୍ଗରେ ମରାମତି କାର୍ଯ୍ୟ ଚାଲିଥିବା ଯୋଗୁଁ ଟ୍ରେନଗୁଡିକୁ ବାତିଲ କରାଯାଇଥିଲା। ସୂଚନା ଅନୁସାରେ, ବାଦାମପାହାଡ଼-ପୁରୀ ସ୍ପେଶାଲ ଟ୍ରେନ ବାଦାମପାହାଡ଼ରୁ ରାଇରଙ୍ଗପୁର, ଜାମସେଦପୁର ଦେଇ ପୁରୀକୁ ଚଳିତ ମାସ ୬ ତାରିଖରୁ ଚଳାଚଳ ଆରମ୍ଭ କରିବ। ରଥଯାତ୍ରାରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମଧ୍ୟ ଯୋଗଦେବେ। ତେଣୁ ରାଇରଙ୍ଗପୁର ଅଞ୍ଚଳବାସୀଙ୍କ ପାଇଁ ଏହା ଖୁସିର ଖବର। ଦକ୍ଷିଣ ପୂର୍ବ ରେଳ ବିଭାଗ ପକ୍ଷରୁ ଦିଆ ଯାଇଥିବା ସମୟ ତାଲିକା ଅନୁସାରେ ବାଦାମପାହାଡ଼ରୁ ପୁରୀ ପାଇଁ ସ୍ପେଶାଲ ଟ୍ରେନ ସଂଖ୍ୟା ୦୮୩୭୯ ଚଳିତ ମାସ ୬ ଜୁଲାଇ ଏବଂ ୧୪ ଜୁଲାଇ ତାରିଖ ସକାଳ ୬ଟାରେ ପ୍ରସ୍ଥାନ କରିବ ଏବଂ ପରବର୍ତ୍ତୀ ଦିନ ସକାଳ ୯.୧୫ରେ ପୁରୀ ପହଞ୍ଚିବ। ଅନ୍ୟପକ୍ଷରେ ପୁରୀଠାରୁ ବାଦାମପାହାଡ଼ ପାଇଁ ସ୍ପେଶାଲ ଟ୍ରେନ ସଂଖ୍ୟା ୦୮୩୮୦ ଜୁଲାଇ ୮ ଏବଂ ୧୬ ତାରିଖରେ ପୁରୀ ଠାରୁ ରାତ୍ରି ୭.୩୦ରୁ ଚାଲିବ। ପରବର୍ତ୍ତୀ ଦିନ ସନ୍ଧ୍ୟା ୬.୧୫ ସମୟରେ ବାଦାମପାହାଡ଼ରେ ପହଞ୍ଚିବ। ବାଦାମପାହାଡରୁ ପୁରୀ ରେଳ ମାର୍ଗରେ ମୋଟ ୨୦ଟି ଷ୍ଟେସନରେ ସମ୍ପୃକ୍ତ ସ୍ପେଶାଲ ଟ୍ରେନର ରହଣୀ ନିମନ୍ତେ ନିର୍ଦ୍ଧାରିତ କରାଯାଇଛି। ରହଣି ଷ୍ଟେସନ ଗୁଡିକ ମଧ୍ୟରେ ଛଣୁଆ, କୁଲଡିହା, ରାଇରଙ୍ଗପୁର, ଅଁଳାଯୋଡି, ବହଲଦା ରୋଡ, ସିଧିରସାହି, ହଳଦୀପୋଖରୀ, ଟାଟାନଗର, ଘାଟଶିଳା, ଚାକୁଲିଆ, ଗିଧନି, ଝାଡ଼ଗ୍ରାମ, ହିଜଳି, ବେଲଦା, ଦାନ୍ତନ, ଜଳେଶ୍ୱର, ବସ୍ତା, ରୂପସା, ବାଲେଶ୍ୱର ଓ ସୋର ରହିଛି। ଏହି ସ୍ପେଶାଲ ଟ୍ରେନରେ ମୋଟ ୧୦ଟି କୋଚ୍ ରହିବ। ଏହି ଟ୍ରେନ ଆସନ୍ତା ୧୯ ତାରିଖ ପର୍ଯ୍ୟନ୍ତ ଚଳାଚଳ କରିବ ବୋଲି ରେଳବାଇ ସୂତ୍ରରୁ ଜଣାପଡ଼ିଛି।



